# କିସ୍ ଓ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟରେ ସପ୍ତମ ମିନି ମାରାଥନ୍ -୨୦୨୫

**ଢେଙ୍କାନାଳ,(ନି.ପ୍ର) :** ଆଜି ସାରା ରାଜ୍ୟ ଦୌଡିଛି ଗୋଟିଏ ମହତ୍ ଉଦ୍ଦେଶ୍ୟରେ । ସମସ୍ତଙ୍କ ପାଇଁ ଶିକ୍ଷାର ଲକ୍ଷ୍ୟ ଏବଂ ସଚେତନତା ଉଦ୍ଦେଶ୍ୟରେ ଆୟୋଜିତ ହୋଇଛି କିଟ୍ ଓ କିସ୍ ସପ୍ତମ ମିନି ମାରାଥନ୍ -୨୦୨୫। ଏକସଙ୍ଗରେ ରାଜ୍ୟର ୩୦ ଜିଲ୍ଲା ଏବଂ ୫ଟି ନଗର କଲିକତା, ଝାଡ଼ଖଣ୍ଡ,ଛତିଶଗଡ଼ ସମେତ ମୋଟ୍ ୩୩ଟି ସହରରେ ମିନି ମାରାଥନ ଅନୁଷ୍ଠିତ ହୋଇଛି । ଢେଙ୍କାନାଳରେ ପ୍ରାତଃ ୭ ଘଟିକା ସମୟରେ କିସ୍ ଓ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷରେ ୭ମ ମିନି ମାରାଥନ୍-୨୦୨୫ ଅନୁଷ୍ଠିତ ହୋଇଥିଲା । ଏହି ମିନି ମାରାଥନକୁ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ,ଅତିରିକ୍ତ ଏସ୍ ପି ସୂର୍ଯ୍ୟମଣି ପ୍ରଧାନ ଅଧ୍ୟାପିକା ତଥା ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ଼ ପୁଷ୍ପଲତା ରଥ,ସାନ୍ଧ୍ୟ ମହାବିଦ୍ୟାଳୟ ଅଧକ୍ଷ ଡ.ସମୀର କୁମାର ସାହୁ,ବଶିଷ୍ଠ ଶିକ୍ଷାବିତ୍ ଡା.ଦେବୀ ପ୍ରସାଦ ମିଶ୍ର,ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ,ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ପ୍ରାଣିଗ୍ରାହୀ, ଇଂ.ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦାନ କରି କିସ୍ ଓ କିଟ୍ ବିଶ୍ୱ ବିଦ୍ୟାଳୟର ଏଭଳି ପ୍ରୟାସକୁ ଉଚ୍ଚପ୍ରଶଂସା କରିବା ସହ ଅନୁଷ୍ଠାନ ଦ୍ୱୟର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କୁ ଭୂୟଶୀ ପ୍ରଶଂସା କରିଥିଲେ । ସମାଜରେ ସମସ୍ତଙ୍କ ପାଇଁ ଶିକ୍ଷାର ନିହାତି ଆବଶ୍ୟକତା ରହିଛି ବୋଲି ସମସ୍ତ ସମ୍ମାନିତ ଅତିଥିମାନେ କହିବା ସହ ସମସ୍ତେ ଶିକ୍ଷିତ ହେଲେ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କିଟ ଓ କିସ୍ ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ ରାଜ୍ୟସଭା ସାଂସଦ ଡ.ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା ଯୋଗୁଁ ଏହି ମିନିମାରାଥନ ପ୍ରତି ବର୍ଷ ଆୟୋଜିତ ହୋଇ ଆସୁଅଛି। ପରେ ଅତିଥିମାନେ ପତାକା ଦେଖାଇ ମିନି ମାରାଥନ୍ ର ଶୁଭାରମ୍ଭ କରିଥିଲେ। ଏହି ମାରାଥନ ବାଜିଚୌକ ଛକରୁ ସହର ପରିକ୍ରମା କରି ମିନି ଷ୍ଟାଡିୟମଠାରେ ପହଞ୍ଚି ଥିଲା । ଏଥିରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ,ଶତାୟୁ,ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା



ସରକାରୀ ଉଚ୍ଚ ବିଦ୍ୟାଳୟ,ସେଣ୍ଟ ଜାଭିୟର ହାଇସ୍କୁଲ ,ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟ,ହକି ଆସୋସିଏସନ୍,ଆମେଚର ତାଇକୋଣ୍ଡ ଆସୋସିଏସନ୍ ର ବିଭିନ୍ନ କ୍ଲବ୍ ର ସଦସ୍ୟା,ସଦସ୍ୟ ଓ ଶିକ୍ଷାବିତ୍ ମାନେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ଅଭୟ କୁମାର ସାହୁ ପରିଚାଳନା କରିଥିବା ବେଳେ କିଟ୍ ର ଡେପୁଟି ମ୍ୟାନେଜର ମାନସ ମିଶ୍ର ମାରାଥନ୍ ର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।



ଏଥିରେ ପ୍ରାୟ ୨୫୦ ରୁ ଉର୍ଦ୍ଧ୍ୱ ଛାତ୍ରୀ,ଛାତ୍ର ସକ୍ରିୟ ଓ ସଫଳ ଅଂଶ ଗ୍ରହଣ କରି ସମସ୍ତଙ୍କ ପାଇଁ ଶିକ୍ଷାର ଆହ୍ୱାନକୁ ସାକାର କରିବା ପାଇଁ ପ୍ରଚେଷ୍ଟା କରି ସଚେତନତା ସୃଷ୍ଟି କରିବାକୁ ସଫଳ ହୋଇଥିଲେ। ସମସ୍ତେ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ଦ୍ୱାରା ଶିକ୍ଷା ପାଇଁ ଗଣ ଦୌଡ କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ଜଣାଇବା ସହ ତାଙ୍କର ଶିକ୍ଷାକୁ ନେଇ ସମାଜ ପାଇଁ ଯେଉଁ ଅବଦାନ ତାକୁ ସ୍ୱାଗତ କରି ତାଙ୍କର ଏହିଭଳି ଅଭିନବ ପ୍ରୟାସକୁ ଭୂୟସି ପ୍ରଶଂସା କରିଥିଲେ। ସମସ୍ତ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ଅତିଥିମାନଙ୍କ ଦ୍ୱାରା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ଅଭୟ କୁମାର ସାହୁ ଓ କିଟ୍ ର ଡେପୁଟି ମ୍ୟାନେଜର ମାନସ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛେଣ୍ଡିପଦାରେ ଏବିଭିପି ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

**ଅନୁଗୋଳ,(ନି.ପ୍ର) :** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନଗର ତରଫରୁ ଆସନ୍ତା କାଲି ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଆଜି ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ଏହି ଶୋଭାଯାତ୍ରା ନଗର ସଭାପତି ଶ୍ରୀକାନ୍ତ କୁମାର ସାହୁ ଙ୍କ ତତ୍ୱା ବଧାନତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି ଶୋଭାଯାତ୍ରା ବାପୁଜୀ ମହାବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ଦେଓଗଡ଼ ଛକ, ଥାନା ଛକ , ଦେଇ ବ୍ଲକ ଛକ ଠାରେ ସମାପ୍ତ ହେଲା ଏହି ଶୋଭାଯାତ୍ରା ରେ ଏକ ୧୫୦ ଫୁଟ୍ ଓ ୭୫ ଫୁଟ୍ ର ଦୁଇ ଗୋଟି ତ୍ରିରଙ୍ଗା ଧରି ଶୋଭାଯାତ୍ରା ହୋଇଥିଲା ଏହି ତ୍ରିରଙ୍ଗା ଶୋଭାଯାତ୍ରା ରେ ବାପୁଜୀ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, siit,nicet, swastik com-



puter centre ର ଛାତ୍ର ଛାତ୍ରୀ ଏବଂ ଶ୍ରୀ ଜଗନ୍ନାଥ ର ଛାତ୍ର ମାନେ ଏବଂ ସମସ୍ତ ଶିକ୍ଷାନୁଷ୍ଠାନ ର ଅଧ୍ୟାପକ ମାନେ ଯୋଗ ଦେଇଥିଲେ ଏହି କାର୍ଯ୍ୟକ୍ରମ ରେ ବିଶେଷ ଭାବରେ ଛେଣ୍ଡିପଦା ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା ଓ ବିଧାୟକ ଙ୍କ ସାନ ଭାଇ ଅକ୍ଷୟ ପାଦ ବେହେରା ଯୋଗ ଦେଇଥିଲେ ,rss ଏବଂ ମଝି ବଜାର ର ସଦସ୍ୟ ମାନେ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ପୁଷ୍ପ ଫିଙ୍ଗି ସ୍ୱାଗତ ଜଣାଇ ଥିଲେ ଏହି କାର୍ଯ୍ୟକ୍ରମ ରେ ନଗର ସଂପାଦକ ଜଗନ୍ନାଥ ସାହୁ, ରାଜ୍ୟ ଛାତ୍ରୀ ସହ ସଂଯୋଜିକା ରଞ୍ଜୁ ବାଳା ପ୍ରଧାନ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା କ୍ରିଷ୍ଣା ବାଘ, ବବୁଲ କୁମାର୍ ନାୟକ, ଗୀତାଞ୍ଜଳି ବେହେରା, ରିତେଶ ସେନାପତି, ସୁଧାକର ବେହେରା, ଲିପା, ଜାଜନିକା, ବର୍ଷା, ପ୍ରୀତି, ପୂଜା, ଆକାଶ, ତୋଫାନ, ରାହୁଲ, ବାଲୁଙ୍କେଶ୍ୱର, କାଳିଆ କରୁଣା, ଦେବାଶିଷ ଙ୍କ ସମେତ ୩୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ଶେଷରେ ଜିଲ୍ଲା ସଂଯୋଜକ ଆଶିଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କରକୋମଳରେ ଦୁଇଟି ସରକାରୀ ଅନୁଷ୍ଠାନ ଉଦ୍‌ଘାଟନ

**ଉମରକୋଟ,(ନି.ପ୍ର) :** ଉମରକୋଟ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ କେନ୍ଦ୍ର ସରକାରଙ୍କ ସାଂସଦ ଶ୍ରୀ ବଳଭଦ୍ର ମାଝୀ ଏବଂ ଓଡ଼ିଶା ସରକାରଙ୍କ ଝରିଗାଁ ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ନରସିଂହ ଭତ୍ରାଙ୍କ କରକୋମଳରେ ଦୁଇ ଗୋଟି ସରକାରୀ ଅନୁଷ୍ଠାନ ଉଦ୍ଘାଟନ ହେଇଚି ପ୍ରଥମ ୧୧ଘଣ୍ଟିକା ସମୟରେ ସରକାରୀ ପେଣ୍ଡ୍ରାଣୀ ମହାବିଦ୍ୟାଳୟ କ୍ଷତ୍ରକ୍ଷ୍ମରର ଦ୍ୱାରା ନିର୍ମିତ ନୂତନ ଏକାଡେମୀ କ୍ଲବ୍ ଉଦଘାଟନ ହେଇଯାଇଛି ଅନ୍ୟତମ ସମ୍ମାନୀୟ ଅତିଥି ବିଜେପି ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମଞ୍ଚରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର ମିଶ୍ର ପୌର ହିତ କରିଥିବା ବେଳେ ଗଣିତ ବିଭାଗର ଅଧ୍ୟାପକ ପ୍ରଦଶ ପଟ୍ଟନାୟକ ମଞ୍ଚ ପରିଚାଳନା ଓ ବାଣିଜ୍ୟ ବିଭାଗର ଅଧ୍ୟାପକ ଶ୍ରୀ ରାମ ଶଙ୍କର



ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଏଥିରେ ଅଧ୍ୟାପକ ଧର୍ମେନ୍ଦ୍ର ପଟ୍ଟନାୟକ, ଚିନ୍ମୟ ରାଉତ,ସମିର ମହାନ୍ତି, ସୁରଭି ଦାସ,ଅଶକ କୁମାର, ତଥା ଅନ୍ୟାନ୍ୟ ଅଧ୍ୟାପକ ଏବଂ କର୍ମଚାରୀ କଲେଜ ର ଅନନ୍ୟ ଉନ୍ନତି ମୂଳକ କାର୍ଯ୍ୟ ଓ ସମସ୍ୟା ବିଷୟରେ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଛାତ୍ରଛାତ୍ରୀମାନଙ୍କ ମୁହରେ ଅଭୁତ୍ୟପୂର୍ଣ୍ଣ ଉତ୍ସାହ ପରିଲକ୍ଷିତ ହୋଇଥିଲା । ପରେ ପରେ ଉମରକୋଟ ଡି ଏନ୍ କେ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରକ୍ତ ଭଣ୍ଡାର ଉଦ୍ଘାଟନ ହେଇଚି ଉମରକୋଟ ଓଡ଼ିଶା ସରକାର ଙ୍କର ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ କେନ୍ଦ୍ର ସରକାରଙ୍କ ମାନ୍ୟବର ସାଂସଦ ଶ୍ରୀ ବଳଭଦ୍ର ମାଝୀ ଙ୍କ ଉଦ୍ୟମ ଏବଂ ଝରିଗାଁ ବିଧାୟକ ନରସିଂହ ଭତ୍ରା ଏଇ ମାନଙ୍କ ଉଦ୍ୟମରେ ଉମରକୋଟ ବାସିଙ୍କ ସ୍ୱପ୍ନ ସାକାର ହେଲା ଏହି କାର୍ଯ୍ୟକ୍ରମ ରେ ମଞ୍ଚରେ ଉପସ୍ଥିତ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର,ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟ ଅଧିକାରୀ ଡକ୍ଟର ଡକ୍ଟର ସନ୍ତୋଷ କୁମାର ପଣ୍ଡା , ମୁନିସିପାଲିଟି ଚେୟାରମେନ ରାଧା ଭତ୍ରା, ବ୍ଲକ୍ ଚେୟାରମେନ ସୁସୀଲା ମାଝୀ,ଡକ୍ଟର ଶରତ ଚନ୍ଦ୍ର ସେଠୀ ମେଡିକାଲ ଅଫିସର, ଡକ୍ଟର ଶବ୍ୟସଚୀ ଦାସ ବ୍ଲଡ଼ ବ୍ୟାଙ୍କ ଅଫିସର, ମିଷ୍ଟର ବିଶ୍ୱଜିତ ସୁନା ବ୍ଲକ ଏକାଉଣ୍ଟ ମୈନେଜାର,ମିଷ୍ଟର ବିପିନ ମାଝୀ ଏସ୍ ଟି ଏସ୍,ମିଷ୍ଟର ଗୋରି ଶଙ୍କର ପରିଡା ଏସ୍ ଟି ଏସ୍, ଏବଂ ଅନ୍ୟାନ୍ୟ ଷ୍ଟାଫ୍ ଏଥିରେ ମିଷ୍ଟର ଦୀନେଶ କୁମାର ପ୍ରହରାଜ ଡିଭିବିଡିସି ମଞ୍ଚ ପରିଚାଳନା କରିଛନ୍ତି ଏହି ଅବସରରେ ବ୍ଲଡ଼ କୈମ୍ପ ମଧ ଆୟୋଜିତ କରିଥିବାରୁ ବିଜେପି କାର୍ଯ୍ୟକର୍ତ୍ତା ଦ୍ୱାରା ୯୦ଇଉନୀଟ୍ ବ୍ଲଡ଼ ସଙ୍ଗ୍ରହ କରାଯାଇଥାଏ ଏଥିରେ ପ୍ରଥମ ବ୍ଲଡ଼ ବିଜେପି କାର୍ଯ୍ୟକର୍ତ୍ତା ମିଲୁ ପଣ୍ଡା ଦେଇଛନ୍ତି , ସୁଧୀର ପଣ୍ଡା, ବାବୁ ଶର୍ମା,ରାମ ଗଣ୍ଡ,, ସତ୍ୟ ବେହେରା, ଗୋପିନାଥ ସାହୁ, ସିମାଞ୍ଚଳ ବିଷଇ , ଏବଂ ଅନ୍ୟାନ୍ୟ କାର୍ଯ୍ୟ କର୍ତ୍ତା ଏହି ପ୍ରଥମ ବ୍ଲଡ଼ ଏହି ଅଞ୍ଚଳ ର ଯାହାକୁ ବ୍ଲଡ଼ ଦରକାର ସେମାନେ ବହୁତ ଉପକୃତ ହେବେ ଏହି ରକ୍ତ ଭଣ୍ଡାର ଉଦ୍ଘାଟନ ହେଇଥିବାରୁ ଉମରକୋଟ ରାଏଘର ଝରିଗାଁ ଚାନ୍ଦା ହାଣ୍ଡି ର ଲୋକ ମାନେ ବହୁତ ଉପକୃତ ହେବେ।

## ମାଗଣା ହୃଦ୍ ରୋଗ ଚିକିତ୍ସା ଶିବିର



**ଉମରକୋଟ ,(ନି.ପ୍ର) :** ଜୟଦେବ ପରିଡ଼ା ଏଜୁକେସନାଲ ଟ୍ରଷ୍ଟ ତରଫ ରୁ ଶହୀଦ ଲକ୍ଷ୍ମଣ ନାୟକ ହାଇୟାର ସେକେଣ୍ଡେରୀ ପବ୍ଲିକ ସ୍କୁଲ ଉମରକୋଟ, ଠାରେ ମାଗଣା ହୃଦ୍ ରୋଗ ଚିକିତ୍ସା ଶିବିର ର ଆୟୋଜନ କରାଯାଇଥିଲା। ମାନ୍ୟବର ବିଧାୟକ ତଥା ଗଣ ଶିକ୍ଷକ ମନ୍ତ୍ରୀ ଉକ୍ତ ଶିବିର କୁ ଉଦ୍ଘାଟନ କରିଥିଲେ। ଏଥିରେ ଟ୍ରଷ୍ଟ ର ସଭାପତି ଜୟଦେବ ପରିଡ଼ା, ଉପ ସଭାପତି ରାଜ ଲକ୍ଷ୍ମୀ ପରିଡ଼ା, ଟ୍ରଷ୍ଟ ର ପରିଚାଳନା କମିଟି ଓଁ ପ୍ରଭା ସାହୁ, ରଶ୍ମି ରଞ୍ଜନ ପରିଡ଼ା , ସୁଜାତା ମହାନ୍ତି, ଡାକ୍ତର ସୁରେନ୍ଦ୍ର ଦାସ, ରାଜ୍ୟ ବିଜେପି ସମ୍ପାଦକ ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିର ରେ ସୁନାମ ଧନ୍ୟ ହୃଦ୍ ରୋଗ ବିଶେଷଜ୍ଞ ଡାକ୍ତର ଚନ୍ଦନ କୁମାର ଦାସ ହୃଦ୍ ରୋଗ ବିଷୟ ରେ ଅବଗତ କରେଇବା ସହ ଏହା ର ନିରାକରଣ ଓ ପ୍ରତିକାର ବିଷୟ ରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଶିବିର ରେ ପ୍ରାୟ ୧୫୦ ଜଣ ଙ୍କ ରକ୍ତଚାପ, ସୁଗର୍ ତଥା ଇସିଜୀ ପରୀକ୍ଷା କରା ଯାଇ , ଡାକ୍ତର ଚନ୍ଦନ ଦାସ ଓ ଡାକ୍ତର ଅଲି ଙ୍କ ଦ୍ୱାରା ଚିକିତ୍ସା କରା ଯାଇ ଥିଲା। ଏଥିରେ ସରକାରୀ ଡାକ୍ତର ଖାନା ର କର୍ମଚାରୀ ତଥା ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହାଯୋଗ କରିଥିଲେ। ଉକ୍ତ ଶିବିର ରେ ଜେପି ଟ୍ରଷ୍ଟ ଦ୍ୱାରା ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଡାକ୍ତର ଚନ୍ଦନ ଦାସ।

## ସନ୍ଥ ଅରକ୍ଷିତ ଦାସଙ୍କୁ ଭକ୍ତି ଶ୍ରଦ୍ଧାଞ୍ଜଳୀ

**ଦିଗପହଣ୍ଡି,(ନି.ପ୍ର) :** ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସ ଉପଲକ୍ଷେ ଦିଗପହଣ୍ଡି ସ୍ଥିତ ଶ୍ରୀ ଅରକ୍ଷିତ ଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜା, ଆରାଧନା, ବସ୍ତ୍ରଲାଗି,ଭଜନ ଆଦି କାର୍ଯ୍ୟକ୍ରମ ପ୍ରତି ବର୍ଷ ଭଳି ଆଜି ମଧ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଥ ଅରକ୍ଷିତ ଦାସ ଙ୍କ ମହାନ୍ ଭଗବତ୍ ଆତ୍ମା ପ୍ରତି ଭକ୍ତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରା ଯାଇଥିଲା। ସନ୍ଥ ଅରକ୍ଷିତ ଦାସ ଙ୍କ ଧର୍ମଧାରା ପ୍ରବକ୍ତା ଶ୍ରୀମତୀ ନିରୁପମା ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଶ୍ରୀ ମିଲନ ପାଣିଗ୍ରାହୀ, ନୀଳକଣ୍ଠ ପଟ୍ଟନାୟକ, କାଳିଆ ଦୋରା ପ୍ରମୁଖ ଭକ୍ତମାନେ ସନ୍ଥ ଅରକ୍ଷିତ ଙ୍କ ଧର୍ମ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ, ଦିଗପହଣ୍ଡି ତଥା ବଡ଼ଖେମୁଣ୍ଡି ଏବଂ ସାନଖେମୁଣ୍ଡି ଅଞ୍ଚଳ ର ବିଭିନ୍ନ ଗ୍ରାମରୁ ଭକ୍ତ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



## ପଠାଣି ସାମନ୍ତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭାପୁର,(ନି.ପ୍ର) :** ଭାପୁର ବ୍ଲକ ବାଇଗୁଣିଆ ଗ୍ରାମ ସ୍ଥିତ ପଠାଣି ସାମନ୍ତ ମହାବିଦ୍ୟାଳୟ, ଖଣ୍ଡପଡ଼ା ପରିସରରେ ଶନିବାର ଦିନ ମହାବିଦ୍ୟାଳୟର ଅଧକ୍ଷ ବଳରାମ ସାହୁଙ୍କ ତତ୍ତ୍ୱାବଧାନରେ ୪୬ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ କ୍ରିୟା ଯୋଗ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରୁ ଅତିଥି ମାନେ ମହାବିଦ୍ୟାଳୟ ପରିସରରେ ଥିବା ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଅଧ୍ୟାପକ ଭାଗିରଥି ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧକ୍ଷ ଶ୍ରୀ ସାହୁ ମହାବିଦ୍ୟାଳୟର ବାର୍ଷିକ



ବିବରଣୀ ପାଠ କରିଥିଲେ। ମଞ୍ଚାସିନ ଅତିଥି ମାନେ ଅଭିଭାଷଣରେ ଶିକ୍ଷାର ବିକାଶ ବିଭିନ୍ନ କାର୍ଯକ୍ରମ ଦ୍ୱାରା ହୋଇପାରିବ ବୋଲି ଗୁରୁତ୍ୱାରୋପ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ସାମନ୍ତ ଶ୍ରୀ ପୁସ୍ତକ ଉନ୍ମୋଚନ କରାଯାଇଥିଲା ଏବଂ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ତୃପ୍ତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ପରିସରରେ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ବାଲିଅନ୍ତା,(ନି.ପ୍ର) :** ବାଲିଅନ୍ତା ବ୍ଲକ ଅଧୀନ ସରକଣା ଭଗବତୀ ଉଚ୍ଚ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ସଭାରେ ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ, ସମିତି ସଭ୍ୟା ସଂଯୁକ୍ତା ବିଶ୍ୱାଳ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳନ୍ଦୀ ମହାପାତ୍ର ଓ ପଞ୍ଚଶଖା ଶିକ୍ଷା ସେତୁ ସଂପାଦକ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ କ୍ଷ ପାଇଁ ବି ପୂର୍ବତନ ଶିକ୍ଷକ/ ଶିକ୍ଷୟିତ୍ରୀ ଅରୁଣା ଦିକ୍ଷୀତ, ଜ୍ୟୋତ୍ସା ସାମନ୍ତରାୟ, ରାମଚନ୍ଦ୍ର ବେହେରା, କେ ?ଳାଶ ଖୁଣ୍ଟିଆ, ଭାଗ୍ୟଧର ଜେନା ଓ ବୃନ୍ଦାବନ ବେହେରାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଷଷ୍ଠ ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ପ୍ରବେଶକଲା କଟକ ମଙ୍ଗଳା କ୍ଲବ

**ନୂଆଗାଁ/ଓଡ଼ଗାଁ,(ନି.ପ୍ର) :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ର ମିନି ଷ୍ଟାଡିୟମ ଠାରେ ଚାଲିଥିବା ଷଷ୍ଠ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଓଡ଼ଗାଁ କପ- ୨୦୨୫ ର ଆଜିଥିଲା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍। ଆଜିର ସିଫାଇନାଲ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ,କଟକ ଏବଂ ମଙ୍ଗଳା କ୍ଲବ,କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ରେ ସ୍ପୋର୍ଟସ ହଷ୍ଟେଲ, କଟକ କୁ ୧-୦ ଗୋଲରେ ହରାଇ ମଙ୍ଗଳା କ୍ଲବ, କଟକ ଫାଇନାଲ ରେ ପ୍ରବେଶ କରିଛି। ଆଜିର ଦିତୀୟ ସେମିଫାଇନାଲ ମ୍ୟାଚ୍ ରେ ଉଭୟ ଦଳ ଖେଳ ଆରମ୍ଭରୁ ଆକ୍ରମାଣାତ୍ମକ ଖେଳ ଖେଳି ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲେ। ଅପରାହ୍ନ ୩ ଘଣ୍ଟା ୩୫ ମିନିଟ ରେ ଖେଳ ଆରମ୍ଭ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଗୋଲ



ସ୍କୋର ହୋଇପାରିନଥିବା ବେଳେ ମ୍ୟାଚ ର ଦିତୀୟାର୍ଦ୍ଧରେ ଖେଳର ୩୫ ମିନିଟ ରେ ମଙ୍ଗଳା କ୍ଲବ, କଟକ ର ୨୪ ନଂ ଖେଳାଳି ପ୍ରକାଶ ନାୟକ ଗୋଟିଏ ଗୋଲ ଦେଇ ଦଳକୁ ୧-୦ ଗୋଲରେ ବିଜୟୀ କରାଇଥିଲେ। ସ୍ପୋର୍ଟସ ହଷ୍ଟେଲ ବହୁ ସଂଘର୍ଷ କରିଥିଲେ ବି ଖେଳ ଶେଷ ସୁଦ୍ଧା ଗୋଟିଏ ବି ଗୋଲ ସ୍କୋର କରିପାରିନଥିଲେ।ଫଳରେ ମଙ୍ଗଳା କ୍ଲବ ୧-୦ ଗୋଲରେ ବିଜୟୀ ଘୋଷିତ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ନେତ୍ରୀ ଇରାନି ରାୟ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ରାଜୁ ନାୟକ ଆଜିର ଖେଳ ପରିଚାଳନା କରିଥିବା ବେଳେ ରେଫରି ଶେଖାଓ୍ୱାତ ଖାନ,ଦେବରାଜ ସ୍ୱାଇଁ ଏବଂ ଶଶିକାନ୍ତ ଦାଶିଆ ଖେଳ ପରିଚାଳନା ରେ ସହଯୋଗ କରିଥିଲେ। ଆସନ୍ତା କାଲି ଫାଇନାଲ ମ୍ୟାଚ ଗଣ୍ଡରପୁର ଏଫ୍.ସି.କଟକ ଏବଂ ମଙ୍ଗଳା କ୍ଲବ,କଟକ ମଧ୍ୟରେ ଅନୁଷ୍ଠିତ ହେବ। ଆଜି ଦିବା ୨ ଟା ରୁ ଏକଲବ୍ୟ ଡ୍ୟାନ୍ସ ଗ୍ରୁପ ପିଲା ମାନଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ସନ୍ଧ୍ୟାରେ ଶିଳ୍ପିକା ଡ୍ୟାନ୍ସ ଗ୍ରୁପ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦିଗପହଣ୍ଡି ବ୍ଲକ ଦୁର୍ନୀତିର ପର୍ଦାଫାଶ କେବେ ?

**ଦିଗପହଣ୍ଡି,(ନି.ପ୍ର) :** ଓଡିଶା ପାଇଁ ଆମେ ଗର୍ବିତ କିନ୍ତୁ ଦିଗପହଣ୍ଡି ବ୍ଲକ ପାଇଁ ଆମେ ଦୁଃଖିତ । ଆମେ କହୁଛୁ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ ର କଥା ବିଗତ କିଛି ଦିନ ହେବ ବିଭିନ୍ନ ଗଣ ମାଧ୍ୟମରେ ଦିଗପହଣ୍ଡି ବ୍ଲକ ରେ ଦୁର୍ନୀତି ହୋଇଥିବା ଖବର ପ୍ରସାରଣ ହେଉଥିବା ଦେଖିବାକୁ ମିଳୁଛି, ହେଲେ ବଡ଼ ଦୁଃଖର କଥା ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ତଦନ୍ତ ଶୂନ ଓ କାହିଁକ ? ଯଦି ତ ତଦନ୍ତ ହେଉଛି ବର୍ତମାନ ଦୁର୍ନୀତି ଖୋର ଙ୍କ ଉପରେ କାହିଁକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହଁ କାହିଁକ ବୋଲି ବର୍ତମାନ ସାଧାରଣ ରେ ଚର୍ଚ୍ଚା ଜୋର ହେଉଥିବା ଦେଖିବାକୁ ମିଳୁଛି । ବର୍ତମାନ ଏହା ଅଞ୍ଚଳ ପାଇଁ ବଡ଼ ଖବର ରହିଥିବା ବେଳେ ଏହାର ସୂଚନା ନିମନ୍ତେ ଦିଗପହଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ସହ ଯୋଗାଯୋଗ କରା ଯାଇଥିଲେ ମଧ ଯୋଗାଯୋଗ ହୋଇ ପାରିନାହିଁ, ସେ ଯାହା ବି ହେଉ ଦେଖିବାକୁ ରହିଲା ଦିଗପହଣ୍ଡି ବ୍ଲକ ରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ର ଦୁର୍ନୀତି ର ପର୍ଦାଫାଶ କେବେ ହେବ ଓ ପ୍ରକୃତ ଦୋଷୀକୁ ଦଣ୍ଡ କେବେ ଦେଉଛନ୍ତି ବ୍ଲକ ଅଧିକାରୀ ଓ ଗଞ୍ଜାମ ଜିଲ୍ଲାପାଳ ବୋଲି ଖୁବ ଚର୍ଚ୍ଚା ଦେଖିବାକୁ ମିଳୁଛି !



# ପ୍ରାକ୍ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ 'ବନ୍ଧନ' ଆୟୋଜିତ

**ପାରଳାଖେମୁଣ୍ଡି,(ନି.ପ୍ର) :** ଏକ ବନ୍ଧୁତ୍ୱ ପୂର୍ଣ ବାତାବରଣ ଏବଂ ଭରପୁର ସାଂସ୍କୃତିକ ସନ୍ଧ୍ୟା ମାଧ୍ୟମ ରେ ୱାନଡ଼େରେଲା ପ୍ଲେ ସ୍କୁଲ ର ୧୦ମ ବାର୍ଷିକ ଉତ୍ସବ ' ବନ୍ଧନ-୨୦୨୪-୨୫ ' ପାରଳାଖେମୁଣ୍ଡି ରାଜ ନଅର ସାମ୍ନା ବ୍ୟାଙ୍କ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ୱାନଡ଼େରେଲା ପ୍ଲେ ସ୍କୁଲ, ଯାହା କି ୨୦୧୪ ରେ ପ୍ରତିଷ୍ଠିତ ହୋଇଥିଲା ଏବେ ସେହି ଛୋଟ ଅନୁଷ୍ଠାନ ନିଜର ଏକ ଦଶନ୍ଧି ଅତିକ୍ରମ କରିପାରିଛି ଏବଂ ଅତି କମ ସମୟ ମଧ୍ୟରେ ଏହି ବିଦ୍ୟାଳୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛି । ମୁଖ୍ୟ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ରୁପେଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ପୌର ଅଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ ଏବଂ ଓଡିଶା ସଂଗୀତ ନାଟକ ଏକାଡେମି ପୁରସ୍କାର ପ୍ରାପ୍ତ ସଙ୍ଗୀତ ଗୁରୁ ପଣ୍ଡିତ ରଘୁନାଥ ପାତ୍ର ଏବଂ ପ୍ରିନ୍ସ ଡାନ୍ସ ଗ୍ରୁପ ର ପ୍ରତିଷ୍ଠାତା ଶ୍ରୀ ଟି. କ୍ରିଷ୍ଣା ମୋହନ ରେଡି, ପ୍ରତିଷ୍ଠାତା ଉପାଧକ୍ଷା ଲୀନ କର ପ୍ରମୁଖ ବାର୍ଷିକ ଉତ୍ସବ ରେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ କୁ ଉଦ୍ଘାଟିତ କରିଥିଲେ । ନିଜର ସ୍ୱାଗତ ଅଭିଭାଷଣ ରେ ନିର୍ଦ୍ଦେଶକ ଶ୍ରୀ ମନୋଜ କର ବିଦ୍ୟାଳୟ ର ଏକ ଦଶନ୍ଧି ର ଚେଷ୍ଟା, ଉଦ୍ୟମ




ଏବଂ ନିଜକୁ ଉତ୍ତମ ଭାବେ ପ୍ରମାଣିତ କରିବା ପାଇଁ ପରିଚାଳନା ସଦସ୍ୟ ଏବଂ ସମସ୍ତ କର୍ମକର୍ତା ତଥା ପାରଳାଖେମୁଣ୍ଡି ବାସିନ୍ଦା ମାନଙ୍କ ସହଯୋଗ ଉପରେ ଆଲୋକପାତ କରିଥିଲେ । ଅଧକ୍ଷା ରଂଜିତା ପଟନାୟକ ବିଦ୍ୟାଳୟ କୁ ଆହୁରି ଉତ୍କୃଷ୍ଟ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ଏହି ବିଦ୍ୟାଳୟ ର ବର୍ତମାନ ଉପସ୍ଥିତି ସମସ୍ତଙ୍କ ସହଯୋଗ ଏବଂ ଭଲପାଇବା ର ଏକ ନିଦର୍ଶନ ଭାବେ ବର୍ଣ୍ଣନା କରିଥିଲେ। ସେହି ଭଲପାଇବା କୁ ସମ୍ମାନ ଜଣାଇ ଆଜିଠାରୁ ବିଦ୍ୟାଳୟ ର ବାର୍ଷିକ ଉତ୍ସବ କୁ ଏକ ନୂଆ ନାମ ରେ ନାମିତ କରିବା ପାଇଁ ଘୋଷଣା କରିଥିଲେ ଏବଂ ଆଜି ପର ଠାରୁ ଏହା ' ବନ୍ଧନ ' - ନାମ ରେ ନାମିତ କରିବାକୁ ସେ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଅନୁରୋଧ କରିଥିଲେ । ଉପସ୍ଥିତ ଅତିଥି ମାନେ ଡିଜିଟାଲ ମାଧ୍ୟମ ରେ 'ବନ୍ଧନ '- ୨୦୨୪ -୨୫ ର ଉଦ୍ଘାଟନ କରିଥିଲେ । ନିଜର ଅଭିଭାଷଣ ରେ ବିଧାୟକ ଶ୍ରୀ ପାଣିଗ୍ରାହୀ ବିଦ୍ୟାଳୟ ର ସମସ୍ତ କର୍ମକର୍ତା ଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିଦ୍ୟାଳୟ ର ବାର୍ଷିକ ବିବରଣୀ ରୁ ବିଦ୍ୟାଳୟର ବିଦ୍ୟାଦାନ ମାନଦଣ୍ଡ କେତେ ଉଚ୍ଚ ତାହା ଜଣାଯାଉଛି କହିଥିଲେ । ଆମ ଅଂଚଳ ରେ ଏହିପରି ଏକ ବିଦ୍ୟାଳୟ ଥିବା ଜାଣି ସେ ବହୁତ ଗର୍ବିତ ବୋଲି ଅଭିହିତ କରିଥିଲେ । ଛୋଟ ଛୋଟ ପିଲାଙ୍କୁ ନିଜର କରି ତାଙ୍କୁ ଘର ପରି ଏକ ପରିବେଶ ଦେଇପାରୁଥିବା କୁ ନେଇ ପୌର ଅଧକ୍ଷା ନିର୍ମଳା ସେଠୀ ବିଦ୍ୟାଳୟ ର ପରିଚାଳନା ଏବଂ ସମସ୍ତ କର୍ମକର୍ତା ଙ୍କୁ ବହୁତ ପ୍ରସଂଶା କରିଥିଲେ ଏବଂ ସେ ନିଜେ ବି ଏଇ ବିଦ୍ୟଳୟର ଏକ ଅଂଶ ବୋଲି ଜଣାଇଥିଲେ । ଗୁରୁ ଶ୍ରୀ ରଘୁନାଥ ପାତ୍ର ଏହି ବିଦ୍ୟାଳୟ ର ଆରମ୍ଭ ରୁ ଏକ ଦଶନ୍ଧି ଯାଇଁ ସେ ବିଦ୍ୟାଳୟ ସହିତ ବିତାଇ ଥିବା ସବୁ ମୁହୁର୍ତ୍ତ ର ସ୍ମୃତି ଚାରଣ କରିଥିଲେ ଏବଂ ବିଦ୍ୟାଳୟ ର ଉତରା ଉତର ଉନ୍ନତି କାମନା କରିଥିଲେ । ପ୍ରିନ୍ସ କ୍ରିଷ୍ଣା ରେଡି ଏକ ଦଶନ୍ଧି ଧରି ଉଚ୍ଚ କୋଟିର ଶିକ୍ଷାଦାନ ପାଇଁ ସମସ୍ତଙ୍କୁ ଭୁୟସୀ ପ୍ରସଂଶା କରିଥିଲେ । କାର୍ଯକ୍ରମରେ ବିଭିନ୍ନ ପ୍ରତିଯୋଗିତା ରେ କୃତକାର୍ଯ୍ୟ ଶିଶୁ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ତତ ସହିତ ନିଜର କାର୍ଯ୍ୟ ଦକ୍ଷତା ପାଇଁ କର୍ମକର୍ତା ଙ୍କୁ ପ୍ରସଂଶିତ କରାଯାଇଥିଲା । କୁନି କୁନି ପିଲା ମାନେ ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ବିମୋହିତ କରି ପାରିଥିଲେ । ଅଭିଭାବକ ମାନେ ବିଦ୍ୟାଳୟ ର ଶିକ୍ଷାଦାନ ପ୍ରଣାଳୀ କୁ ବହୁତ ପ୍ରସଂଶା କରିଥିଲେ । ସମ୍ପୂର୍ଣ କାର୍ଯ୍ୟକ୍ରମର ମଞ୍ଚ ଏବଂ ଶବ୍ଦ ଓ ଆଲୋକ ରମାକାନ୍ତ ବରାଳ ଏବଂ ଜଗନ ପାଣିଗ୍ରାହୀ ପରିଚାଳନା କରିଥିଲେ ଏବଂ ଏଇ ସବୁ ସ୍ମରଣୀୟ ମୁହୂର୍ତ କୁ ସାଇତି ରଖିବାରେ ଶ୍ରୀକାନ୍ତ ବରାଡ଼ ନିଜର କ୍ୟାମେରା ସାହାଯ୍ୟ ଯୋଗାଇଥିଲେ । ସୁଶ୍ରୀ ପାୟଲ ପାତ୍ରଙ୍କ ମଂଚ ପରିଚାଳନା ପ୍ରସଶଂସନୀୟ ଥିଲା । ସମ୍ପୂର୍ଣ କାର୍ଯ୍ୟକ୍ରମକୁ ଲିନା କର, ରଂଜିତା ପଟନାୟକ, ମନୋଜ କର ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର କର୍ମକର୍ତା ଚାନ୍ଦିନୀ ,ମଧୁସ୍ମିତା, ମାମୁନି, ରଶ୍ମିତା, ସନ୍ଧ୍ୟାରାଣୀ, ଖୁସବୁ,ଡାଏନା,ନିହାରିକା, ଶିବାନୀ, ଅନିତା, ରଶ୍ମୀ ଏବଂ ଗ୍ରେସ ସାମଲ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଗୋରୁ ବୋଝେଇ ଗାଡିକୁ ଗୋଡ଼େଇ ଧରିଲା ହିନ୍ଦୋଳ ପୁଲିସ୍

**ହିନ୍ଦୋଳ,(ନି.ପ୍ର) :** ଥାନା ପୋଲିସ୍ ଗୋଡେଇ ଗୋଡେଇ ଆଜି ଏକ ଗୋରୁ ବୋଝେଇ ଗାଡି ଜବତ କରିବା ସହ ଡ୍ରାଇଭରକୁ ଧରିଛି । ସୂଚନା ଅନୁଯାୟୀ ଆଜି ବିଶେଷ ସୂତ୍ରରୁ ଖବରପାଇ ହିନ୍ଦୋଳ ଥାନା ପୋଲିସ୍ ସଦଳବଳେ ଚଢ଼ାଉ କରି ବଉଳିଗଡ଼ ପଟୁ ମହୀଧରପୁର ସାତମାଇଲ ଆଡକୁ ଗୋରୁ ମାଫିଆ ଏକ



ବୋଲେରୋ ପିକଅପ୍ ନଂ-OD05-BV-5992 ରେ ଗୋରୁବୋଝେଇ କରି କଟକ ଚାଲାଣ କରୁଥିବା ବେଳେ କୁରୁମିଠା ନିକଟରେ ଅଟକାଇବାରୁ ନଅଟକି ଦ୍ରୁତଗତିରେ ପଳାଇ ଯାଉଥିଲା । ପଳାଇ ଯାଉଥିବା ଗାଡ଼ିକୁ ଗୋଡେଇଗୋଡେଇ ହିନ୍ଦୋଳ ଥାନା ପୋଲିସ୍ ସାତମାଇଲ୍ ଜୟଯବାନ ପେଟ୍ରୋଲ ଟାଙ୍କି ନିକଟରେ ଧରିଥିଲା । ହିନ୍ଦୋଳ ପୋଲିସ୍ ଗାଡ଼ି ଚଳାଉଥିବା କଟକ ବକ୍ସିବଜାର ର କମର ଅଲ୍ଲୀ ନାମକ ଗୋରୁ ମାଫିଆ କୁ କେସ୍ ନଂ -୨୩/ ୨୦୨୫ରେ ଗିରଫ କରି କୋର୍ଟ ଚାଲାଣ କରିବା ସହ ପିକଅପ୍ ଗାଡିଟିକୁ ଜବତ କରିଛନ୍ତି । ଗୋରୁ ଗୁଡିକ ସ୍ୱାଧୀନରେ ଛାଡି ଦିଆ ହୋଇଛି ।

# ଏସ-ଏସଟି ଆଇନ ଅନ୍ତର୍ଗତ ମାମଲାରେ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରାଯାଇପାରିବ : ହାଇକୋର୍ଟ

**କଟକ,(ନି.ପ୍ର) :** ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ ଅନୁଯାୟୀ ହୋଇଥିବା ଅପରାଧର ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରାଯାଇପାରିବ । ତେବେ ଏହାକୁ ବାରଣ କରିବାକୁ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି । ସିଆରପିସିର ଧାରା ୨୦୫ଅନୁଯାୟୀ ଅଭିଯୁକ୍ତଙ୍କ ପାଇଁ ଏଭଳି ବ୍ୟବସ୍ଥା ରହିଛି । ବ୍ୟକ୍ତିଗତ ହାଜିରାରୁ ମୁକ୍ତ ହେବାକୁ ଚାହୁଁଥିବା ଆବେଦନକାରୀଙ୍କ ଆବେଦନକୁ ନିମ୍ନ ଅଦାଲତଙ୍କ ଖାରଜ ଆଦେଶ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହ ଏଭଳି ଆଦେଶକୁ ରଦ୍ଦ କରିଦେଇଛନ୍ତି । ଅନୁପ ଘୋଷ ଓ ଅନ୍ୟ ମାନଙ୍କ ପକ୍ଷରୁ ରୁଜୁ ଆବେଦନର



ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏସସି ଓ ଏସଟି ଆଇନ ଅନୁଯାୟୀ ଅପରାଧ ସହ ଜଡିତ ମାମଲାରେ ଅଭିଯୁକ୍ତଙ୍କୁ ହାଜିରାରୁ ମୁକ୍ତ କରିବା ପାଇଁ ନିମ୍ନ ଅଦାଲତଙ୍କ ମଧ୍ୟ କ୍ଷମତା ରହିଛି । ସେହିପରି ଆବେଦନକାରୀ ଅଭିଯୁକ୍ତ ମାନେ ବିଜୁଳି ବିତରଣ କମ୍ପାନୀର କର୍ମଚାରୀ ଭାବରେ କାର୍ଯ୍ୟ କରୁଥିବା ହେତୁ ସେମାନଙ୍କ ନିୟମିତ ବ୍ୟକ୍ତିଗତ ହାଜିରା ଦ୍ୱାରା ବିଜୁଳି ସେବା ପ୍ରଦାନରେ ବିଭ୍ରାଟ ସୃଷ୍ଟି ହେବ ବୋଲି ହାଇକୋର୍ଟ କହିଛନ୍ତି । ପ୍ରକାଶଥାଉକି ଆବେଦନକାରୀମାନଙ୍କ ବିରୋଧରେ ଅନୁସୂଚୀତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଅଧିନିୟମ ଅନୁଯାୟୀ ଏକ ଅପରାଧ ଅଭିଯୋଗ ହୋଇଥିଲା । ସେମାନେ ବିଦ୍ୟୁତ୍ ବିତରଣ କମ୍ପାନୀର କର୍ମଚାରୀ ହୋଇଥିବାରୁ କୋର୍ଟରେ ନିୟମିତ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରିବାକୁ ବାଲେଶ୍ୱର ସ୍ୱତନ୍ତ୍ର ଏସସି-ଏସଟି ଅଦାଲତରେ ଆବେଦନ କରିଥିଲେ । ତେବେ ଏହାକୁ ସମ୍ପୃକ୍ତ ଅଦାଲତ ଖାରଜ କରିଦେବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ସଙ୍କଟରେ ବିଦେଶାଗତ ପକ୍ଷୀ ସୁରକ୍ଷା ନେଇ ପ୍ରଶ୍ନବାଚୀ

**ବ୍ରହ୍ମଗିରି,(ନି.ପ୍ର) :** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ସପ୍ତାହେ ଧରି ମେଞ୍ଚା ମେଞ୍ଚା କାଉ ମରୁଥିବା ଜଣାଯାଇଛି । ଏହା ପୂର୍ବରୁ କୁକୁଡ଼ା ଫାର୍ମ ମାନଙ୍କରେ ହଜାର ହଜାର ସଂଖାରେ କୁକୁଡ଼ା ବି ମରିଥିବା ନଜର ରହିଛି । ଏନେଇ ବିଭିନ୍ନ ପତ୍ର ପତ୍ରିକା ଦୂରଦର୍ଶନରେ ମଧ୍ୟ ଖବର ପ୍ରସାରିତ ହୋଇଛି । ଲଗାତାର ଦୁଇ ତିନି ଦିନ ଧରି ପ୍ରସାରିତ ହେବା ପରେ ବି ପ୍ରଶାସନର ତତ୍ପରତା କିଛି ଜଣାଗଲାନାହିଁ । ଖୋଲା ଖୋଲି ଭାବରେ ଅଞ୍ଚଳର ବଜାର ଘାଟରେ କୁକୁଡ଼ା ବିକ୍ରୀ ଚାଲିଲା । ଲୋକେ ଆତଙ୍କିତ ଥିବା ବେଳେ କିଛି ଆମିଷାଶୀ ବ୍ୟକ୍ତି ମୃତ୍ୟୁକୁ ଭୟ ନକରି ପକ୍ଷୀ ମାଂସକୁ ଖାଇବାକୁ ଲାଗିଲେ । କିଛି ଦିନ ଥମିବା ପରେ ପୁଣି ସିଆଳର ଚିଲିକା କୂଳରେ ଥିବା ଝାଉଁ ବଣ, ମାଲୁଦ, କୃଷ୍ଣପ୍ରସାଦ, ଚାରିଛକ, ନୂଆପଡା ଆଦି ସ୍ଥାନ ମାନଙ୍କରେ ଗଣ୍ଡା ଗଣ୍ଡା କାଉ ମରି ପଡୁଥିବାର ଜଣାପଡିଛି । ଏଥି ପ୍ରତି ପ୍ରାଣୀ ଚିକିତ୍ସା ବିଭାଗ ନଜର ଦେଇ ସୁରକ୍ଷା ବ୍ୟବସ୍ଥା ନକରାଇଲେ ଏହି ପକ୍ଷୀ ରୋଗ ମଣିଷକୁ ଆକ୍ରାନ୍ତ କରିବାର ଆଶଙ୍କା ରହିଛି । ନିକଟରେ ଏସିଆ ମହାଦେଶର ବୃହତମ ଲୁଣା ହ୍ରଦ ଚିଲିକା ଏବଂ ପକ୍ଷୀ ବିହାର ନଳବଣରେ ଥିବା ବିଦେଶାଗତ ଅତିଥି ପକ୍ଷୀଙ୍କୁ ଆକ୍ରାନ୍ତ କରିବା ସନ୍ଦେହ ଉପୁଜିଛି । ଦିନକୁ ଦିନ କାଉ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅଞ୍ଚଳରେ ଥିବା ପ୍ରାଣୀ ବିଭାଗ କର୍ମଚାରୀ ମାନେ ଜାଣି ନଜାଣିଲା ପରି ଚୁପ ରହିଛନ୍ତି । ବିଭାଗୀୟ ଅଧିକାରୀଙ୍କ ନୀରବତା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାକୁ ଯୁଦ୍ଧ କାଳୀନ ଭିତ୍ତିରେ



ପଦକ୍ଷେପ ନନେଲେ ମନ୍ୟୁଷ ଏବଂ ବିଦେଶାଗତ ଅତିଥି ପକ୍ଷୀ ଆକ୍ରାନ୍ତ ହେବା ନିଶ୍ଚିତ ହୋଇପଡିଛି ।

# ଜାତୀୟ ମତଦାନ ଦିବସ ଉପଲକ୍ଷେ ପାଠଚକ୍ର




**ବୁଗୁଡା,(ନି.ପ୍ର) :** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ମତଦାନ ଦିବସ ପାଳନ ଉପଲକ୍ଷେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରକୁ କଲେଜର ପ୍ରିନ୍ସପାଲ ପ୍ରଫେସର ହରିକୃଷ୍ଣ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧାପକ ଅକ୍ଷୟ କୁମାର ସାହୁ ପାଠଚକ୍ରର ବିଷୟବସ୍ତୁ ନେଇ ଆଲୋକପାତ କରିଥିଲେ । ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ଜ୍ୟୋତି ପାଣିଗ୍ରାହୀ ଓ ପୂଜା ସ୍ୱାଇଁ ସନ୍ଦର୍ଭ ଶୀର୍ଷକ ' ଡକ୍ଟଙ୍କରଭ ଚକ୍ସବକ୍ସପ୍ସସମସକ୍ଟବଶପ୍ସସକ୍ଟଭ ସଭ ଓଭୟସବଭ ରକ୍ଷରମପ୍ସସକ୍ଟଭପ୍ସ : ଝକ୍ସରଭୟପ୍ସ ବଭୟ ଉଷବକ୍ଷକ୍ଷରଭଶରପ୍ସ' କୁ ପଠନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ଅଧାପକ ଡକ୍ଟର ବିନୋଦ କୁମାର କର, ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ଆଲୋଚନାରେ ଅଂଶ ଗ୍ରହଣ କରି ମହିଳାମାନଙ୍କ ନିର୍ବାଚନରେ ଅଂଶ ଗ୍ରହଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ୭୦ ଜଣ ଛାତ୍ରଛାତ୍ରୀ ଏହି ପାଠଚକ୍ରରେ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପୂଜା ଗୌଡ଼, ରେସ୍ମା ସେଠୀ, ମିତାଲି ଜେନା, ଆଶିଷ କୁମାର ଖଡଙ୍ଗା ଓ ଅମର ନାୟକ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଛାତ୍ରୀ ରେସ୍ମା ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ଅମ୍ବାଦଳାରେ ସ୍ୱାଗତ

**ମୁନିଗୁଡା,(ନି.ପ୍ର) :** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭାରତୀୟ ଜନତା ପାର୍ଟି ଅମ୍ବାଦଳା ମଣ୍ଡଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ରାୟଗଡ଼ା ଜିଲ୍ଲା ଗ୍ରସ୍ତ ସମୟରେ ଆମ୍ବାଦଳା ମଣ୍ଡଳର ଶତାଧିକ ବିଜେପି କର୍ମୀ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଅମ୍ବାଦଳା ଅଞ୍ଚଳର ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଅମ୍ବାଦଳା ଅଞ୍ଚଳ ବାସୀ ଅମ୍ବାଦଳା ଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ସହ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଏକ ଦାବୀ ପତ୍ର ପ୍ରଦାନ କରିଥିବା ବେଳେ ଉପାନ୍ତ ଅଞ୍ଚଳ ରାଘୁବାରି ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ରଘୁବାରି ଅଞ୍ଚଳ ବାସୀ ଏକ ଦାବୀ ପତ୍ର ପ୍ରଦାନ କରିଥିବା ବେଳେ ଅଞ୍ଚଳର ସ୍ୱାସ୍ଥ୍ୟ



ସମସ୍ୟା ନେଇ ଅଞ୍ଚଳ ବାସୀ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ବିଷୟରେ ସମସ୍ୟା ମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶିବଶଙ୍କର ଉଲାକା, ରାଜ୍ୟ ଓବିଶୀ ମୋର୍ଚ୍ଚା ଉପ ସଭାପତି ରାମ ଚନ୍ଦ୍ର ବେହେରା, ବିଷମ କଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁରୁକା,ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ଭିକାରୀ ନାହାକ,ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆମ୍ବାଦଳା ମଣ୍ଡଳ ବିଜେପି ନେତା ଓ କର୍ମୀ । ଅମ୍ବାଦଳା ବିଜେପି ପକ୍ଷରୁ ମଣ୍ଡଳ ବରିଷ୍ଠ ବିଜେପି ନେତା ସିମାଞ୍ଚଳ ପାତ୍ର, ବାୟା ମହାନ୍ତି, ଡମ୍ବୁର ହଂସ, ରମେଶ ସାମନ୍ତ,ତପନ ବିଶ୍ୱାଳ,ସୁରଜ୍ ସୁନା, ପିଣ୍ଟୁ ମହାନ୍ତି, ହରେ କୃଷ୍ଣ ବେହେରା, ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପାତ୍ର, ଦୟାନିଧି ନାୟକ, ବିଭୂତି ସେଠୀ, ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

**ଉମରକୋଟ,(ନି.ପ୍ର) :** ଉମରକୋଟ ବ୍ଲକ ଅନ୍ତର୍ଗତ ଭଣ୍ଡାରୀଗୁଡା ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମାରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି । ବିଦ୍ୟାଳୟର ୬୦ ରୁ ଉର୍ଦ୍ଧ ବାଳିକା ଛତ୍ରୀ ଏହି ପ୍ରଶିକ୍ଷଣ ନେଇଥିଲେ । ପ୍ରଶିକ୍ଷିକା ସୁକାନ୍ତି ସାହୁ ବାଳିକା ମାନଙ୍କୁ ଆତ୍ମାରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ । ଏହି ମାସ,ଜାନୁଆରୀ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୪ ତାରିଖରେ ଶେଷ ହୋଇଛି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଦ୍ୟାଳୟର ସହକାରୀ ଶିକ୍ଷକ ରଂଜିତ ମଜୁମଦାର,ଦିଲ୍ଲୀପ ହରିଜନ, ଉଷା ମାଝି , ଜୟକୃଷ୍ଣ ଭତ୍ରା ବାବୁରାମ ସାହୁ, ବିଶ୍ୱରଂଜନ ମୁଦୁଲି, ମିହିର ରଞ୍ଜନ ପଣ୍ଡା ସହଯୋଗ କରିଥିଲେ ।



# ୧୫ତମ ମତଦାତା ଦିବସ ପାଳିତ

**ଢେଙ୍କାନାଳ,(ନି.ପ୍ର) :** ଆଜି ୧୫ତମ ମତଦାତା ଦିବସ ପାଳନ ଅବସରରେ ଜିଲ୍ଲା କାର୍ଯ୍ୟାଳୟ ସଦ୍ ଭାବନା ସଭାଗୃହ ଠାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ମତଦାନ ସଂପର୍କୀତ ସଂକଳ୍ପ ପାଠ କରାଇଥିଲେ । ଭାରତ ହେଉଛି ବିଶ୍ୱର ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର । ବିବିଧତା ସତ୍ତ୍ୱେ ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନୀ ପର୍ବ ସମାପନ ହେଉଥିବାରୁ ଏହା ସାରା ବିଶ୍ୱରେ ସଫଳ ଗଣତନ୍ତ୍ର ରାଷ୍ଟ୍ର ଭାବେ ଉଦାହରଣ ହୋଇ ପାରିଛି ବୋଲି ସେ ପ୍ରକାଶ କରିଥିଲେ । ଭୋଟର କାର୍ଡ଼ ନାଗରିକତାର ପରିଚୟ ବୋଲି ସେ କହିଥିଲେ । ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ନିଜର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଇବାକୁ ସେ ପରାମର୍ଶ



ଦେଇଥିଲେ । ଭୋଟଦାନ ଏକ ଅନନ୍ୟ ଅନୁଭୂତି ଦେଇଥାଏ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ସେଠି ପ୍ରକାଶ କରିଥିଲେ । ଗଣତନ୍ତ୍ରର ସଫଳତା ବଜାୟ ରଖିବାକୁ ସମସ୍ତେ ସ୍ୱତଃ ପ୍ରବୃତ ଭାବେ ଭାଗନେବାକୁ କହିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, କ୍ୱିଜ୍ ଏବଂ ରଂଗୋଲି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜର, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯାଇଥିଲା । ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ଛାତ୍ରମାନଙ୍କୁ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳ ଭୋଟର ପରିଚୟ ପତ୍ର ପ୍ରଦାନ କରିଥିଲେ । ଶେଷରେ ସହାୟକ ଜିଲ୍ଲାପାଳ ଶ୍ରୀ ସୌରମ୍ୟ ରଂଜନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମତଦାତା ଦିବସ ପାଳନ ଅବସରରେ ଆଜି ସକାଳେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ଅମ୍ବାଦଳାରେ ସ୍ୱାଗତ

**ମୁନିଗୁଡା,(ନି.ପ୍ର) :** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭାରତୀୟ ଜନତା ପାର୍ଟି ଅମ୍ବାଦଳା ମଣ୍ଡଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ରାୟଗଡ଼ା ଜିଲ୍ଲା ଗ୍ରସ୍ତ



ସମୟରେ ଆମ୍ବାଦଳା ମଣ୍ଡଳର ଶତାଧିକ ବିଜେପି କର୍ମୀ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଅମ୍ବାଦଳା ଅଞ୍ଚଳର ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଅମ୍ବାଦଳା ଅଞ୍ଚଳ ବାସୀ ଅମ୍ବାଦଳା ଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ସହ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଏକ ଦାବୀ ପତ୍ର ପ୍ରଦାନ କରିଥିବା ବେଳେ ଉପାନ୍ତ ଅଞ୍ଚଳ ରାଘୁବାରି ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ରଘୁବାରି ଅଞ୍ଚଳ ବାସୀ ଏକ ଦାବୀ ପତ୍ର ପ୍ରଦାନ କରିଥିବା ବେଳେ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ନେଇ ଅଞ୍ଚଳ ବାସୀ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ବିଷୟରେ ସମସ୍ୟା ମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶିବଶଙ୍କର ଉଲାକା, ରାଜ୍ୟ ଓବିଶୀ ମୋର୍ଚ୍ଚା ଉପ ସଭାପତି ରାମ ଚନ୍ଦ୍ର ବେହେରା , ବିଷମ କଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁରୁକା,ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ଭିକାରୀ ନାହାକ,ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆମ୍ବାଦଳା ମଣ୍ଡଳ ବିଜେପି ନେତା ଓ କର୍ମୀ । ଅମ୍ବାଦଳା ବିଜେପି ପକ୍ଷରୁ ମଣ୍ଡଳ ବରିଷ୍ଠ ବିଜେପି ନେତା ସିମାଞ୍ଚଳ ପାତ୍ର, ବାୟା ମହାନ୍ତି, ଡମ୍ବୁର ହଂସ, ରମେଶ ସାମନ୍ତ,ତପନ ବିଶ୍ୱାଳ,ସୁରଜ୍ ସୁନା, ପିଣ୍ଟୁ ମହାନ୍ତି, ହରେ କୃଷ୍ଣ ବେହେରା, ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପାତ୍ର, ଦୟାନିଧି ନାୟକ, ବିଭୂତି ସେଠୀ, ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ ।

# ନକ୍ସଲ ରାସ୍ତାରେ ବିଛେଇଥିଲେ ଲ୍ୟାଣ୍ଡମାଇନ ଗୋଡ଼ ପକାଇଥିଲେ ଉଡ଼ିଯାଇଥାନ୍ତେ ସହ ସହ ଯବାନ

**ମାଲକାନଗିରି,(ନି.ପ୍ର) :** ପୁଣି ଜବାନଙ୍କୁ ଟାର୍ଗେଟ କରି ରାଜ ରାସ୍ତାରେ ନକ୍ସଲ ମାନେ ଲେଣ୍ଡମାଇନ ଲଗାଇ ଥିବା ବେଳେ ଏହାକୁ ଠାବ କରି ନିଷ୍କ୍ରିୟ କରିଛନ୍ତି ସୁରକ୍ଷା



କର୍ମୀ । ହଁ ଆଜ୍ଞା ବିଜାପୁର ଲେଣ୍ଡ ମାଇନ ବିସ୍ଫରଣ ଘଟଣାରେ ଆଠ ଯବାନ ଶହୀଦ ହେବା ଘଟଣାର କିଛି ଦିନ ନ ପୁରୁଣୁ ପୁଣି ରକ୍ତ ମୁଖା ହୋଇ ଉଠିଛି ଲାଲ ସେନା ରାସ୍ତା ଗୁଡିକରେ ଲେଣ୍ଡ ମାଇନ ଖଞ୍ଜି ଯବାନଙ୍କୁ କରୁଛନ୍ତି ଟାର୍ଗେଟ । ଖବର ମୁତାବକ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାର ପିଡିୟା ଗୋଲାପାଲ୍ଲୀ ରାଜ ରାସ୍ତାର ଦୁଇଟି ଯାଗାରେ ଯବାନଙ୍କୁ ଟାର୍ଗେଟ କରି ପାଞ୍ଚ ପାଞ୍ଚ କେଜିର ଲେଣ୍ଡ ମାଇନ ଲଗାଇଥିବା ବେଳେ କୁମ୍ବିଂ ଅପରେସନରେ ଯାଇଥିବା ସିଆରପିଏଫ ବାହିନୀ ଓ ଡିଆରଜି ର ଯବାନ ମାନେ ଏହାକୁ ଠାବ କରିଛନ୍ତି । ପ୍ରାୟ ୧୦ କେଜି ଓଜନର ଦୁଇଟି ଲେଣ୍ଡମାଇନ କୁ ମାଟି ତଳେ ପୋତି ରଖିଥିଲେ ମାଓବାଦୀ । ଲେଣ୍ଡମାଇନ ଠାବ ହେବା ପରେ କିଛି ଦୁରରେ ଏହାକୁ ନିଷ୍କ୍ରିୟ କରିଛନ୍ତି ସୁରକ୍ଷା କର୍ମୀ । ପରେ ସେଠାରେ ସର୍ଚ୍ଚ ଅପରେସନ କୁ ଜୋରଦାର କରାଯାଇଥିବା ଜଣାପଡିଛି ।

# ମହିଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଜଗତସିଂହପୁର,(ନି.ପ୍ର) :** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକର ମହିଳୋ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦୭ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ମହାସମାରୋହରେ ଦିବସ ବ୍ୟାପୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରୀତିପ୍ରଭା ଦାଶଙ୍କ ପୌରୋହିତ୍ୟରେ ସଂସ୍କୃତ ଶିକ୍ଷକ ନିତ୍ୟାନନ୍ଦ ତ୍ରିପାଠୀଙ୍କ ବେଦଧ୍ୱନି ମଧରେ ଅତିଥିମାନଙ୍କ କରକମଳରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନରେ ହୋଇଯାଇଛି ଓ ମନୋରଞ୍ଜନ ଦାଶଙ୍କ ଅତିଥି ପରିଚୟ ପରେ ସମ୍ମାନନୀୟ ଅତିଥି ଭାବରେ ବିବ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ ରଞ୍ଜନ ରଥ ଅଭିଭାଷଣ ଦେଇ ପିଲାମାନଙ୍କୁ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଲାବେଳେ ଅନ୍ୟତମ ଅତିଥି ଭାବରେ ସି.ଆର୍.ସି.ସି. ପ୍ରଦୀପ କୁମାର ରଥ ପିଲାମାନଙ୍କୁ ପାଠ୍ୟମନସ୍କ ହେବାକୁ କହିଥିଲେ । ତିର୍ତ୍ତୋଲ ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାରି ଅନ୍ୟତମ ଅତିଥି ଭାବରେ ଛାତ୍ରଛାତ୍ରୀମାନେ ଆଜିକାଲିର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଅବଲମ୍ବନ କରି ଭଲ ଫଳାଫଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲା । ମୁଖ୍ୟ ଅତିଥି ଭାବରେ ନବକାକଳି ସାହିତ୍ୟ ପତ୍ରିକାର ସମ୍ପାଦକ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ମାନିତ ସାରସ୍ୱତ ସାଧକ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କଷ୍ଟ ସହିଷ୍ଣୁ ଆଧାତ୍ମ୍ୟବାଦୀ ହୋଇ ନିଜ ଜୀବନକୁ ସରସ ସୁନ୍ଦର କରିବାକୁ ଗୀତା, ଭାଗବତ ପାଠକରି ସୁଚରିତ୍ରର ଅଧିକାରୀ ହେବାକୁ କୁ ଉପଦେଶ ଦେଇଥିଲେ । ମୁଖ୍ୟ ଅତିଥି ଅଧ୍ୟାପକ ଅଭିରାମ ଶତପଥୀ ବହୁ ଉଦାହରଣ ଦେଇ ଚରିତ୍ରବାନ ଛାତ୍ରଛାତ୍ରୀମାନଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭର କରେ ବୋଲି କହିଥିଲେ । ସେ ଜଗତର ନାଥ ଜଗନ୍ନାଥଙ୍କର ଦୈନନ୍ଦିନ ପରିଚର୍ଯ୍ୟାରୁ ପିଲାମାନେ ଶିକ୍ଷା ଗ୍ରହଣ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଅନୁଲିପ୍ତା ମିଶ୍ର ବାର୍ଷିକ ବିବରଣୀ ପାଠ କଲାବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ମଧୁଛନ୍ଦା ଆଚାର୍ଯ୍ୟ, ମନୋରମା ଦାଶ, ସାଗରିକା ପରିଡ଼ା, ରାହୁଲରାଜ ମହାନ୍ତ, ପ୍ରଣତିକା ମହାନ୍ତି ସଞ୍ଚାଳନ କରିଥିଲେ । ସଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଜ୍ଞାପରିମିତା ପରିଡ଼ା, ଗଣେଶ ଚନ୍ଦ୍ର ସ୍ୱାଇଁ, ରଶ୍ମିରଞ୍ଜନ ପାଳ ଓ ବିଶ୍ୱଜିତ୍ ନା ନାୟକ ପରିଚାଳନା କରିଥିଲେ । ଶେଷରେ ଶଶୀରେଖା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।




### ୧୩ ତମ ଭୈରବୀ ନୋବୁଲ୍ ଆୱାର୍ଡ଼

# ସମ୍ବର୍ଦ୍ଧିତ ହେଲେ ଭଦ୍ରକ ଜିଲ୍ଲା ଓ ବ୍ଲକ୍ ୧୬ ଜଣ ଟପ୍ପର

**ବାସୁଦେବପୁର,(ନି.ପ୍ର) :** ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପରିଷଦ ଅନ୍ତର୍ଗତ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ରେ ଭୈରବୀ ନୋବୁଲ୍ ଫାଉଣ୍ଡେସନ ଟ୍ରଷ୍ଟ ବାସୁଦେବପୁର ପକ୍ଷରୁ ଭଦ୍ରକ ଜିଲ୍ଲାର ପ୍ରଥମ ଓ ବାସୁଦେବପୁର ବ୍ଲକ୍ ଓ ପୌର ପରିଷଦ ର ଦଶ ଟି ସ୍ଥାନ ଅଧିକାର କରିଥିବା କୃତି ବିଦ୍ୟାର୍ଥୀ ମାନଙ୍କୁ ଭୈରବୀ ନୋବୁଲ ଆୱାର୍ଡ଼ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା କାର୍ଯ୍ୟ କ୍ରମ ରେ ଟ୍ରଷ୍ଟ ସଭାପତି ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ମୁଖ୍ୟ ବକ୍ତା ଭାବେ ଅଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ବୋଧିସତ୍ତ୍ୱ ସଂଘପ୍ରିୟ, ଓ ଉପେନ୍ଦ୍ର ନାଥ ପାଢ଼ୀ ଯୋଗ ଦେଇଥିଲେ । ଅତିଥି ପରିଚୟ ଟ୍ରଷ୍ଟ ସମ୍ପାଦକ ଗୌତମ ଦାସ କରିଥିବା ବେଳେ ସଭାପତି ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଟ୍ରଷ୍ଟ ର ପ୍ରତିଷ୍ଠାତା ଖଗେନ୍ଦ୍ର ପ୍ରସାଦ ମହାନ୍ତି ଉପସ୍ଥିତ ରହି ଟ୍ରଷ୍ଟ ର ଗଠନ , ତେର ବର୍ଷ ଧରି ଭୈରବୀ ନୋବୁଲ ଆୱାର୍ଡ଼ ପ୍ରଦାନ କରି ବାସୁଦେବପୁର ର ନାମ କୁ ସାରା ଓଡ଼ିଶା ରେ ଏକ ସ୍ୱତନ୍ତ୍ର ପରିଚିତ କରାଇବାରେ ଟ୍ରଷ୍ଟ ର ସମସ୍ତ ସଦସ୍ୟ ମାନଙ୍କ ସହ ବାସୁଦେବପୁର ର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମାନଙ୍କ ର ଅବଦାନ ଅବର୍ଣ୍ଣନୀୟ ବୋଲି କହିଥିଲେ । ମଞ୍ଚାଶୀନ ଅତିଥି ମାନେ ମଧ ଭୈରବୀ ଟ୍ରଷ୍ଟ ର ଏହି ପ୍ରକାର କାର୍ଯ୍ୟ କ୍ରମ ଅତ୍ୟନ୍ତ ପ୍ରଶଂସନିୟ ବୋଲି କହିଥିଲେ । ଏହି ପ୍ରକାର କାର୍ଯ୍ୟ କ୍ରମ ବିଦ୍ୟାର୍ଥୀ ମାନଙ୍କୁ ଉତ୍ତମ ଭବିଷ୍ୟତ ଗଢ଼ିବା ରେ ପ୍ରେରଣା ପ୍ରଦାନ କରିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଛନ୍ତି । ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟ କ୍ରମ କୁ ସହ ସମ୍ପାଦକ ପୁରୁଷୋତ୍ତମ ବେହେରା ସଂଯୋଜନା କରିଥିଲେ । ଭଦ୍ରକ ଜିଲ୍ଲା ସର୍ବୋଚ୍ଚ ନମ୍ବର୍ ରଖିଥିବା ସୂର୍ଯ୍ୟ ସ୍ନାତ ସ୍ୱାଇଁ ଙ୍କୁ ମାନ ପତ୍ର ସହ ଆର୍ଥିକ ରାଶି ୨୫୦୦୦ ଟଙ୍କା ପ୍ରଦାନ କରାଯିବା ସହ ବାସୁଦେବପୁର ବ୍ଲକ ଓ ପୌର ପରିଷଦ ର ପ୍ରଥମ ଦଶ ଟି ସ୍ଥାନ ଅଧିକାର କରିଥିବା ୧୬ ଜଣ କୃତି ବିଦ୍ୟାର୍ଥୀ ମାନଙ୍କୁ ୫୦୦୦୦ ଟଙ୍କା ପ୍ରଦାନ କରାଯାଇଛି । ଅନୁଷ୍ଠିତ କାର୍ଯ୍ୟ କ୍ରମ କୁ ଟ୍ରଷ୍ଟର ସଦସ୍ୟ ଶଶାଙ୍କ ଶେଖର ସାମଲ, ମହେଶ୍ୱର ଧଳ, ସୁଶିଳ ଦଳାଇ, ସୁବ୍ରତ ଧଳ, ପିତାମ୍ବର ପାତ୍ର ପ୍ରମୁଖ ଉପସ୍ଥିତ ରହି ସଫଳ କରାଇ ଥିଲେ ।



# ଧରା ପଡିଲେ ୧୪ଜଣ ଦୁର୍ଦ୍ଧାନ୍ତ ମାଓ ନେତା



**ମାଲକାନଗିରି,(ନି.ପ୍ର) :** ଲାଲଗଡରେ ଯବାନଙ୍କ ମିଳିତ କୁମ୍ବିଂ ଅପରେସନ ସମୟରେ ଧରା ପଡିଲେ ୧୪ଜଣ ଦୁର୍ଦ୍ଧାନ୍ତ ମାଓ ନେତା । ଆଜି ମାଲକାନଗିରି ସୀମାନ୍ତ ଛତିଶଗଡ ରାଜ୍ୟ ବିଜାପୁର ଜିଲ୍ଲାର ପୋଲିସକୁ ମିଳିଛି ଏକ ବଡ ସଫଳତା । ଖବର ମୁତାବକ ବିଜାପୁର ପୋଲିସର ଡିଆରଜି ବାହିନୀ ସହ ସିଆରପିଏଫ ଓ କୋବ୍ରା ବାହିନୀର ଯବାନ ମାନେ ମିଳିତ ଭାବେ କୁମ୍ବିଂ ଅପରେସନ କରୁଥିବା ସମୟରେ ଉସୁର ଥାନା ଅନ୍ତର୍ଗତ ଟେକମେଟଲା ଓ ମାଡ଼ମପାଲ୍ଲି ଅଞ୍ଚଳରେ ସ୍ନାଇକ ହୋଲ ଲଗାଇବା ସମୟରେ ୧୪ ଜଣ ନକ୍ସଲଙ୍କୁ ଯବାନ ମାନେ କାବୁ କରିଛନ୍ତି । ଏମାନଙ୍କ ମଧରେ ଆଠ ଜଣକ ନାମରେ ପୂର୍ବରୁ ସରକାର ୩୬ ଲକ୍ଷ ଟଙ୍କାର ଅର୍ଥ ରାଶି ଘୋଷଣା କରିଥିବା ବେଳେ ଏମାନେ ସମସ୍ତେ ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ କାର୍ଯ୍ୟ କରି ଅନେକ ହିଂସା କାଣ୍ଡ ଭିଆଇବା ସହ ଉସୁର ଥାନାର ବିଭିନ୍ନ ଅଞ୍ଚଳରେ ସକ୍ରିୟ ରହିଥିଲେ ତେବେ ଗିରଫ ସମସ୍ତ ମାଓବାଦୀଙ୍କୁ ଅଧିକ ପଚରା ଉଚରା କରା ଯିବା ପରେ କୋର୍ଟ ଚାଲାଣ କରାଯିବ ବୋଲି ବିଜାପୁର ପୋଲିସ ପକ୍ଷରୁ କୁହା ଯାଇଛି ।

# ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

**ବାରିପଦା,(ନି.ପ୍ର) :** ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସମଗ୍ର ଶିକ୍ଷା ଅନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ-୨୦୨୫ ବାରିପଦା ସହିଦ ସ୍ମୃତି ଭବନ ଠାରେ ପାଳିତ ହୋଇ ଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝି, ଜିଲ୍ଲା ଶିକ୍ଷା ଅଧିକାରୀ ପୁର୍ଣ ଚନ୍ଦ୍ର ସେଠି, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ ପ୍ରମୁଖ ଉପସ୍ଥିତ ଥିବାବେଳେ ଉଦଯାପନୀ ସମାରୋହରେ ଡେପୁଟି କଲେକଟର ଶୁଭଙ୍କରୀ ସ୍ୱଦେସ୍ନା ଦାସ, ଡିଏସପି ନିରୁପମା ମଲ୍ଲିକ, ଓରମାସର ଡେପୁଟି ସିଇଓ ବିମାନ ମଲ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରିୟପଦ ନାଏକ ପ୍ରମୁଖ ଯୋଗଦେଇ ସମାଜରେ ଲିଙ୍ଗଗତ ବୈଷମତାକୁ ଦୂର କରିବା ତଥା ବାଳିକା ଶିକ୍ଷାକୁ ପ୍ରାତ୍ସାହିତ କରି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଉଦଘାଟନୀ ଏବଂ ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି ସଭାପତିତ୍ୱ କରିଥିବା ବେଳେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ ଉଭୟ ସମାରୋହକୁ ପରିଚାଳନା କରିଥିଲେ । ଏହି ଅବସର ରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ, ସମଗ୍ର ଶିକ୍ଷାର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ଜିଲ୍ଲା ସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ଶକ୍ତି ସଦନ ଓ୍ୱାନ ଷ୍ଟପ ସେଣ୍ଟର, ଆକ୍ସନ ଏଡ଼ ପ୍ରମୁଖ ସଂଗଠନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।



# କ୍ଲଷ୍ଟରସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ



**ହାଟଡିହି,(ନି.ପ୍ର) :** ହାଟଡିହି ବ୍ଲକ ଅନ୍ତର୍ଗତ ବଞ୍ଚୋ ପଞ୍ଚାୟତର ଶିବାନାରାୟଣପୁର ଗ୍ରାମରେ ଆସ୍କାୟର ତରଫରୁ କୃଷ୍ଟରସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ଏଥିରେ ଗ୍ରାମର ସମସ୍ତ କିଶୋରୀ ବାଳିକାମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଞ୍ଚୋ ଗ୍ରାମ ପଞ୍ଚାୟତର ନାୟବ ସରପଞ୍ଚ ବାସନ୍ତୀ ବେହେରା, ମୁଖ୍ୟବକ୍ତା ଭାବେ ଆସ୍ଥାୟର ଶିକ୍ଷା ସଂଯୋଜକ ଦୁଷ୍ମନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶିବନାରାୟଣପୁର ଗ୍ରାମର ଅଙ୍ଗନବାଡ଼ି କର୍ମୀ ସୁଭାଷିନୀ ପ୍ରଧାନ, ଗୌରୀ ପ୍ରଧାନ, ଆଶାକର୍ମୀ ସରୋଜିନୀ ସାହୁ, ବଶିଷ୍ଟ ନାଗରିକ ଅଲେଖ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବାଳିକାଙ୍କ ଶିକ୍ଷା ଅଧିକର, ଲିଙ୍ଗଗତ ଭେଦଭାବ, ବାଲ୍ୟ ବିବାହ, କୁପୋଷଣ, ସ୍ୱାସ୍ଥ୍ୟଗତ ସମସ୍ୟାର କାରଣ ଓ ନିରାକାରଣ ପରି ଅନେକ ବିଷୟରେ ଆଲୋଚନା ହୋଇଥିଲା । ତତ୍ ସହିତ କିଶୋରୀ ବାଳିକାଙ୍କ ଦ୍ୱାରା ଏହି ଦିବସ ଉଦ୍ଦେଶ୍ୟରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ଶେଷରେ ଏକ ପଦଯାତ୍ରା ମାଧ୍ୟମରେ ବାଳିକା ଦିବସ ଉପରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଆସ୍କାୟାର କର୍ମୀ ଜୀବନ ଜ୍ୟୋତି ରାଉତ, ଆଦିତ୍ୟ ରଞ୍ଜନ ପଟ୍ଟନାୟକ, ମମତା ରାଉତ, ସୁନିଲ କୁମାର ବରାଳ, କୁନ୍ତଳା କୁମାରୀ ଜେନା, ସନ୍ତୋଷ କୁମାର ଜେନା, ସୁନୀତା ଦାସ, ରଞ୍ଜନ କୁମାର ନାୟକ, ଦୀପ୍ତିରେଖା ଜେନା, ଜ୍ୟୋତି ପ୍ରକାଶ ମହାପାତ୍ର, ଜଗବନ୍ଧୁ ମାଝୀ, ରଞ୍ଜନ କୁମାର ନାୟକ, ବିକାଶ କୁମାର ନାୟକ, ସୁଧାଂଶୁ ଶେଖର, ମହିମାମୟୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବଞ୍ଚୋ ପଞ୍ଚାୟତରେ ନେତାଜୀ ଜୟନ୍ତୀ ପାଳିତ

**ହାଟଡିହି,(ନି.ପ୍ର) :** ବଞ୍ଚୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନେତାଜୀ ଓ ବୀର ର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ସରପଞ୍ଚ ପ୍ରଶାନ୍ତ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସ ସାମନ୍ତ ସିଂହାର, ପଞ୍ଚାୟତ ବିଜେଡି ସଭାପତି ପ୍ରଭାକର ଖଣ୍ଡା, ପଞ୍ଚାୟତ ବିଜେପି ସଭାପ ପତି ସୁରେନ୍ଦ୍ର ବିଶ୍ୱାଳ, ଗାଁର ବରିଷ୍ଠ ନାଗରିକ ନନ୍ଦ କିଶୋର ନାୟକ, ନାକଫୋ ନଫୋଡି ଜେନା, ଦୁର୍ଯ୍ୟଧନ ଜେନା, ଦତ୍ତାତ୍ରୟ ରାୟ ସର୍ଦ୍ଦାର, ରମେଶ ବିଶ୍ୱାଳ, ପ୍ରଦୀପ ରାଉତ, ରଙ୍ଗାଧର ସା , ଭୀମସେନ ବରାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।



# ଜଗତସିଂହପୁର ଜିଲ୍ଲାରେ ୧୦ଟି ରାଇସମିଲ ଖୋଲାଯିବ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

**ରଘୁନାଥପୁର,(ନି.ପ୍ର) :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଧାନମଣ୍ଡିକୁ ଶନିବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କଷ୍ଣଚନ୍ଦ୍ର ପାତ୍ର ପରିଦର୍ଶନ କରିଛନ୍ତି ।ଶୁକ୍ରବାର ଧାନମଣ୍ଡିରେ ହେଉଥିବା କଟନି ଛଟନି ସମ୍ପର୍କରେ ତିର୍ତ୍ତୋଲ ବିଜେପି ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା ଯୋଗାଣ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ । ଶନିବାର ମନ୍ତ୍ରୀ ପାରାଦ୍ୱୀପ ଗସ୍ତ ସମୟରେ ତାରପୁର ଠାରେ କିଛିସମୟ ରହି ଧାନମଣ୍ଡିକୁ ପରିଦରର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ବିଧାୟକ ପ୍ରାର୍ଥୀଶ୍ରୀ ବେହେରାଙ୍କ ନୈତ୍ୟରେ ବିଜେପି କର୍ମୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏଥିରେ ବିଜେପି ଓବିସି ମୋର୍ଚ୍ଚାର ଜାତୀୟ ସଦସ୍ୟ ଚିତ୍ତରଂଜନ କଂସ, ବିଜେପି ନେତା ସୁବାଷ ଜେନା, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ, ସମିତି ସଭ୍ୟ ବିଚିତ୍ରା ନନ୍ଦ ସ୍ୱାଇଁ ରଘୁନାଥପୁର ମଣ୍ଡଳ ସଭାପତି ସ୍ୱରାଜ ସାମଲ, ଜଇପୁର ମଣ୍ଡଳ ସଭାପତି ବନୋଜ ନାୟକ, ଭଗବାନ ସ୍ୱାଇଁ, ମନୋଜ କୁମାର ସାହୁ, ସୁଶାନ୍ତ କୁମାର ମହାନ୍ତି, ଲୁଭେନ୍ଦ୍ର କୁମାର ମିଶ୍ର, ଶଚି କାନ୍ତ ବାରିକ, ସରୋଜ ଦାସ,ପ୍ରତାପ ଚନ୍ଦ୍ର ମହାନ୍ତି, ଅବନୀ କୁମାର ଦାସଙ୍କ ସମେତ ବହୁ ବିଜେପି କର୍ମୀ ସାମିଲ ଥିଲେ ।ଏହି ଅବସରରେ ଧାନମଣ୍ଡିରେ କଟନି ଛଟନି ବନ୍ଦ କରାଯାଇଛି । ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ । ଜଗତସିଂହପୁର ଜିଲ୍ଲାରେ ୧୦ ଗୋଟି ନୂତନ ରାଇସ ମିଲ ଖୋଲାଯିବାର ସରକାରଙ୍କ ଯୋଜନା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ ।



# ରାୟଗଡାରେ ଜିଲ୍ଲାସ୍ତରୀୟ ପଞ୍ଚଦଶ ମତଦାତା ଦିବସ ପାଳିତ

**ରାୟଗଡା,(ନି.ପ୍ର) :** ରାୟଗଡା ସଦର ମହକୁମାରେ ଜିଲ୍ଲା ସ୍ତରୀୟ ପଞ୍ଚଦଶ ମତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୮ ଘଟିକା ସମୟରେ ଏକ ବିଶାଳ ସଚେତନତା ଶୋଭାଯାତ୍ରା ସଦର ବ୍ଲକଛକରୁ ବାହାରି ରାୟଗଡା ମୁଖ୍ୟ ଜାତୀୟ ରାଜପଥ ଦେଇ ବିଜୁ ପଟ୍ଟନାୟକ ପ୍ରେକ୍ଷ୍ୟାଳୟରେ ପହଞ୍ଚିଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିହାର ରଞ୍ଜନ କହ୍ନର, ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ନାରାୟଣ ମିଶ୍ର ଓ ରାୟଗଡା ଉପଜିଲ୍ଲାପାଳ ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦେବୀ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ, ବିଭିନ୍ନ ସରକାରୀ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ଶ୍ରୀ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଦି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ କ୍ଲବ, ଓ୍ୱାକରସ ୟୁନିଅନ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ତଥା ସ୍ଥାନୀୟ ଜନସାଧାରଣ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ପ୍ଲାକାର୍ଡ ସହ ଏକ ଶହ ମିଟର ଲମ୍ବର ବ୍ୟାନରରେ ହିନ୍ଦୀ ଓଡ଼ିଆ ଓ ସ୍ଥାନୀୟ ବହୁଳ ବ୍ୟବହୃତ ତେଲୁଗୁ ଭାଷାରେ ସ୍ଲୋଗାନ ମାନ ସ୍ଥାନିତ ହୋଇଥିଲା । ପ୍ରଚାର ଗାଡି ସଚେତନତା ମୂଳକ ସଙ୍ଗୀତ ସହ ଶୋଭାଯାତ୍ରାକୁ ବାଟ କଢ଼େଇ ନେଉଥିବା ବେଳେ ହଜାର ହଜାର ଲୋକଙ୍କ ସ୍ଲୋଗାନରେ ସହର ମୁଖରିତ ହୋଇ ଉଠୁଥିଲା । ଜାତୀୟ ମତଦାତା ଦିବସ ଲେଖା ଓ ଲଗୋ ସହ ଟି ସାର୍ଟ,ଟୋପି ଓ ରଙ୍ଗ ବେରଙ୍ଗର ପ୍ଲାକାର୍ଡ ଶୋଭାଯାତ୍ରାର ଶୋଭାକୁ ବାଟୋଇ, ଯାତ୍ରୀ ଓ ଜନସାଧାରଣଙ୍କ ମନ ମୋହିଥିଲା । ପରେ ବିଜୁ ପଟ୍ଟନାୟକ ପ୍ରେକ୍ଷ୍ୟାଳୟ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ନିର୍ବାଚନ ଅଧିକାରୀ ନିହାର ରଞ୍ଜନ କହ୍ନର, ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦେବୀ ମଞ୍ଚାସୀନ ଥିଲେ । ବୈଠକ ପ୍ରାରମ୍ଭରେ ଗଣତନ୍ତ୍ରର ପବିତ୍ର ଗ୍ରନ୍ଥ ସମ୍ବିଧାନର ମୁଖବନ୍ଧରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ପଞ୍ଚଦଶ ମତଦାତା ଦିବସ ସମସ୍ତ ସାବାଳକ ଓ ନୂତନ ଭୋଟରଙ୍କ ନିମନ୍ତେ ସମର୍ପିତ କରିବା ସହ ଉପସ୍ଥିତ ସମସ୍ତ ଭୋଟର ଓ ଭାବି ଭୋଟରଙ୍କୁ ଗଣତନ୍ତ୍ର ସୁଦୃଢ଼ କରିବା ପାଇଁ ସଚେତନ ହେବା ଜରୁରୀ ବୋଲି କହିଥିଲେ । ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ସଭିଙ୍କ ସଚେତନ ହେବା ଜରୁରୀ ।ଭାରତ ନିର୍ବାଚନ ଆୟୋଗ ୭୫ ବର୍ଷ ପୂରଣ କରିଛି , ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ନିଜ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ ହେବା ଜରୁରୀ । ସମସ୍ତ ଯୋଗ୍ୟ ସାବାଳକ ନିଜ ନାମ ସ୍ଥାନୀୟ ଭୋଟର ତାଲିକାରେ ପଞ୍ଜୀକରଣ କରିବା ଜରୁରୀ ବୋଲି ଅତିଥି ବୃନ୍ଦ କହିଥିଲେ । ଜିଲ୍ଲାପାଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ମତଦାତା ରୂପେ ସଂକଳ୍ପ କରାଇଥିଲେ । ନୂତନ ଭୋଟରଙ୍କୁ ଟି ସାର୍ଟ, ଟୋପି ଏବଂ ବ୍ୟାଜ୍ ପରିଧାନ କରାଇ ଜିଲ୍ଲା ସ୍ତରୀୟ ମଞ୍ଚରେ ସମ୍ମାନିତ କରାଯାଇଥିଲା । ଏହି ଜାତୀୟ ମତଦାତା ଦିବସକୁ ଅଧିକ ସହଭାଗୀତା ଓ ଚିତ୍ତାକର୍ଷକ କରିବା ନିମନ୍ତେ କଲେଜ ସ୍ତରରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ଇଂରାଜୀ ଓ ଓଡିଆ ଭାଷାରେ ବକ୍ତୃତା, ଚିତ୍ରାଙ୍କନ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ମାନ ଅନୁଷ୍ଠିତ କରାଯାଇ ପ୍ରଥମ ତିନିଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ନିର୍ଭୁଲ, ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ହେବା ଜରୁରୀ । ଏଣୁ ଗୁଣପୁର, ବିଷମକଟକ ଓ ରାୟଗଡା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକା ପ୍ରସ୍ତୁତିରେ ସର୍ବୋତ୍ତମ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିଥିବା ତିନିଜଣ ଲେଖାଏଁ ବୁଥ ସ୍ତରୀୟ ଅଧିକାରୀ ଓ ବୁଥ ର ସୁପରଭାଇଜରଙ୍କୁ ପୁରସ୍କୃତ କରାଯାଇଥିଲା । ୧୩୮ ଗୁଣପୁର ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀ ବାଲରାଜ ମିସାଲ, ଧନ୍ୟରାଜ ଗମାଙ୍ଗୋ ଓ ବିଜୟ କୁଟ୍ରକା ସୁପରଭାଇଜର ଅନିଲ କୁମାର ବେହେରା, ନୀଳାଚଳ ମିଶ୍ର, ଗୁଡାରୀ ରାଜେନ୍ଦ୍ର କୁମାର ପାଲ ଚନ୍ଦ୍ରପୁର ପୁରସ୍କୃତ ହୋଇଥିଲେ । ବିଷମକଟକ ନିର୍ବାଚନମଣ୍ଡଳୀ ରୁ ବୁଥ ସ୍ତରୀୟ ଅଧିକାରୀ ରାମଚନ୍ଦ୍ର ସାରାକା, ବନମାଳୀ ଶବର ଓ ସୋମନାଥ ଦାସ ବୁଥ ର ସୁପରଭାଇଜର ଅଭିଷେକ ମୁଦି, ଯୁଧିଷ୍ଠିର ମୁଟୁକା ଓ ସତାମ୍ବର ପ୍ରଧାନି ତଥା ରାୟଗଡା ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀ ତ୍ରିନାଥ ନାୟକ, ରମେଶ ଚନ୍ଦ୍ର ପାଣି ଓ ଆନନ୍ଦ ମଣ୍ଡାଙ୍ଗୀ ଓ ସୁପରଭାଇଜର କାଲୁ ମାଝୀ, ନରେଶ ସିଂ ଓ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ରାୟଗଡା ମାନପତ୍ର ଓ ଟ୍ରଫି ଦ୍ୱାରା ପୁରସ୍କୃତ ହୋଇଥିଲେ । ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଛାତ୍ର, ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀଜଣ ଦେଶାତ୍ମବୋଧକ ସଙ୍ଗୀତ ତଥା ବାବୁଲା ନାୟକ ଏଗାର ପଣିକିଆ ମାଧ୍ୟମରେ ସଚେତନତାମୂଳକ ସଙ୍ଗୀତ ପରିବେଷଣ କରିଥିଲେ । ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ଓ ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉପ ଜିଲ୍ଲାପାଳ, ରାୟଗଡଙ୍କ ଦପ୍ତର ଏହାର ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ଡେପୁଟି କଲେକ୍ଟର ପ୍ରଜ୍ଞା ପାରମିତା ଓ ଭୋଳାନାଥ ମାଝୀ, ସହକାରୀ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁ, ଏନ ରବି କୁମାର, ଭାରତୀ ଜେନା, ଅନିତା ଦାଶ ପ୍ରମୁଖ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।



# ଜୟପୁର ବ୍ଲକ ଓ ମ୍ୟୁନିସିପାଲିଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଚକ୍ଷୁ ପରୀକ୍ଷା ତାଲିମ

**ଜୟପୁର,(ନି.ପ୍ର) :** ରାଜ୍ୟ ସରକାରଙ୍କ 'ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା'ରେ ଜୟପୁର ସହର ସ୍ଥିତ ସିଟି ହାଇସ୍କୁଲ ଠାରେ ଜୟପୁର ବ୍ଲକ ଓ ମ୍ୟୁନିସିପାଲିଟିର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି ।ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ୫ଟି ବ୍ୟାଚରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତି ସ୍କୁଲରୁ ଜଣେ/ ୨ଜଣ ଲେଖାଏଁ ହିସାବରେ ମୋଟ ୨୪୦ଜଣ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କର କିପରି ଦୃଷ୍ଟିଦୋଷ ପରୀକ୍ଷା କରିବେ ଓ ରିପୋର୍ଟ ପ୍ରଦାନ କରିବେ ସେ ବିଷୟରେ ତାଲିମ ନେଇଥିଲେ । ରାବନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଧରିତ୍ରୀ ମୁଦୁଲି ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ ଓ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ୧ମ ରୁ ୧୦ମ ଶ୍ରେଣୀରେ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଦୃଷ୍ଟି ଦୋଷ ଥିବା ପିଲାଙ୍କୁ ମାଗଣା ଚଷମା ପ୍ରଦାନ ସହ ଅନ୍ୟ ଚକ୍ଷୁରୋଗ ଭୋଗୁଥିବା ପିଲାଙ୍କ ମାଗଣାରେ ଚିକିତ୍ସା ବ୍ୟବସ୍ଥା ରହିଛି । ଜୟପୁର



ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ବିଇଓ ଚନ୍ଦନ କୁମାର ନାୟକ ଏହାର ଉଦଘାଟନ କରି ଶତ ପ୍ରତିଶତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରିଥିଲେ ।ଏବିଇଓ ପ୍ରିୟମ୍ବଦା ପାତ୍ର,ସିଟି ହାଇସ୍କୁଲ ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ,ବିଭିନ୍ନ କ୍ଲଷ୍ଟରର ସିଆରସିସି ସର୍ବେଶ୍ୱର ପଟ୍ଟନାୟକ ଓ ଜ୍ୟୋତି ଶଙ୍କର ତ୍ରିପାଠୀ, ପିଲାଙ୍କ ଚକ୍ଷୁ ପରୀକ୍ଷାର ଆବଶ୍ୟକତା ଏଂ ଯୋଜନାର ଉପକାରିତା ଉପରେ ସୂଚନା ପ୍ରଦାନ କରିଥିଲେ ।ବିଆରପି ଡି.ଶୁଭଶ୍ରୀ ପାତ୍ର ମଞ୍ଚ ସଂଯୋଜନା କରିଥିଲେ । ଆଇଇଡି ଗଣେଷ ପ୍ରସାଦ ଚୌଧୁରୀ ସହଯୋଗ କରିଥିଲେ । ଉଲ୍ଲେଖଯୋଗ୍ୟ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ,ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ସମଗ୍ର ଶିକ୍ଷା,ଜାତୀୟ ଅନ୍ଧତ୍ୱ ଦୂରୀକରଣ ଯୋଜନା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହଯୋଗରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି ।ଶିକ୍ଷକ ଶିକ୍ଷୟତ୍ରୀ ନିଜ ନିଜ ସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କ ପ୍ରାରମ୍ଭିକ ଚକ୍ଷୁ ପରୀକ୍ଷା କରି ଦୃଷ୍ଟି ଦୋଷ ଓ ଚକ୍ଷୁରୋଗ ସନ୍ଦେହ ଥିବା ପିଲାଙ୍କ ତଥ୍ୟ ବିଇଓଙ୍କୁ ଦେବା ପରେ ଆବଶ୍ୟକତା ଅନୁସାରେ ବ୍ଲକ ସ୍ତରୀୟ ଶିବିର କରାଯାଇ ଚଷମା ପରୀକ୍ଷା,ଚିକିତ୍ସା ଓ ଜଟିଳ ରୋଗୀଙ୍କୁ ରେଫର୍ ବ୍ୟବସ୍ଥା ରହିଛି ।

# କିଟ୍-କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ନେଇ ମିନି ମାରାଥନ ୨୦୨୫

**ଫୁଲବାଣୀ,(ନି.ପ୍ର) :** କୀଟ କିସ ଓଡ଼ିଶାର ୩୫ ଟି ଜାଗା ରେ କୀଟ କିସ ତରଫରୁ ସମସ୍ତ ଙ୍କ ପାଇଁ ଶିକ୍ଷା ଉଦେଶ୍ୟରେ ମିନି ମାରାଥନ ଅନୁଷ୍ଠିତ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ଠାରେ ମଧ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ ମାନଙ୍କୁ ଙ୍କୁ ନେଇ କୀଟ କିସ ର କନ୍ଧମାଳ ଜିଲ୍ଲା କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗିରଥି ସେଠୀ ଙ୍କର ନେତୃତ୍ୱରେ କୀଟ କିସ ପ୍ରତିଷ୍ଠାନ ପକ୍ଷରୁ ଆଜି ସ୍ଥାନୀୟ କରନେସନ ପଡିଆ ଠାରେ ସକାଳ ୭ ଘଣ୍ଟା ସମୟରେ ୭ମ ସମସ୍ତ ପାଇଁ ଶିକ୍ଷା ଲକ୍ଷ୍ୟ ରେ ଦୌଡ଼ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ଏହି ମାରାଥନ କୁ କନ୍ଧମାଳ ଏସ ପି ହରିସ ବିଶି ଏବଂ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ । ମିନି ମାରାଥନ ରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନେ କନେସନ ପଡ଼ିଆ ରୁ ଦୌଡ଼ରେ ସ୍ଥାନୀୟ ମାଦିକୁନ୍ଦା ଛକ ପର୍ଯ୍ୟନ୍ତ ଯାଇ କରନେସନ ପଡିଆ ରେ ପହଞ୍ଚି ଥିଲେ । ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଭୋଇ ଯୋଗ ଶିକ୍ଷା ର ପ୍ରଚାର ପ୍ରସାର ନିମନ୍ତେ କୀଟ କିସ ଅନୁଷ୍ଠାନ ତାଙ୍କର ଶିକ୍ଷା ପ୍ରଣାଳୀ ପାଇଁ ଆଜି ଆଜି ସାରା



ଦେଶରେ ପରିଚୟ ସୃଷ୍ଟି କରିଛି । ସମସ୍ତ ଶିକ୍ଷା ପାଆନ୍ତୁ ମହତ ଉଦେଶ୍ୟ ରେ ଆଜି ଯେଉଁ କାର୍ଯ୍ୟକ୍ରମ କରାଯାଇଛି ସମସ୍ତେ ଶିକ୍ଷା ଗ୍ରହଣ କରନ୍ତୁ । ବିଶେଷ କରି ଆମ ଜିଲ୍ଲା ର ପିଲାମାନେ ଶିକ୍ଷା ଲାଭ କରି ଲାଭବାନ ହୁଅନ୍ତୁ ବୋଲି କହି ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଟ୍ରାଫିକ ସବ ଇନିସ୍ପେକ୍ଟର ସୁଶ୍ରୀ ଶିବାନୀ ମାଝୀ ଯୋଗ ଦେଇ ଆଜିର ଶିକ୍ଷା ସମସ୍ତ ଙ୍କ ପାଇଁ ମିନି ମାରାଥନ ରେ ଅଂଶ ଗ୍ରହଣ କରିଥିବା ପିଲାମାନେ ଉଚିତ ଶିକ୍ଷା ଗ୍ରହଣ କରିବା କହି ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବେ କନ୍ଧମାଳ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଯୋଗ ଦେଇ କୀଟ କିସ ର ପ୍ରତିଷ୍ଠାତା ତଥା କନ୍ଧମାଳର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଅଚ୍ୟୁତ ସାମନ୍ତ ସମସ୍ତ ଙ୍କ ପାଇଁ ଶିକ୍ଷା ଯେଉଁ ପ୍ରୟାସ ଜାରି ରଖିଛନ୍ତି । ପାଠ କୁ ପ୍ରାଧାନ୍ୟ ଦେଇଛନ୍ତି । ସେଥିପାଇଁ ଏହି ମହାନ ବ୍ୟକ୍ତି ୬୨ ଟି ଡ଼କ୍ଟରେଟ ପାଇଛନ୍ତି । ତାଙ୍କର ସାଧନ ପାଇଁ ଆଜି ମିନି ମାରାଥନ ଆୟୋଜନ ହୋଇପାରିଛି । ତେଣୁ ତାଙ୍କ ଉଦ୍ୟମ ପାଇଁ ଧନ୍ୟବାଦ । ସମସ୍ତେ ପିଲା ଶିକ୍ଷା ପାଇ ଆମ ପିଲାମାନେ ଉନ୍ନତି କରନ୍ତୁ । ଆମ ଦେଶ ଆଗକୁ ଯାଉ, ଆମରାଜ୍ୟ ଆଗକୁ ଯାଉ, ଆମ ଜିଲ୍ଲା ର ପ୍ରଗତି ଘଟୁ ବୋଲି ଭାଷଣ ମାଧମରେ କହିଥିଲେ । ଅନ୍ୟତମ ଅତିଥି ଭାବେ ବିଜୁ ଛାତ୍ର ଜନତା ଦଳ ସଭାପତି ସୁନିଲ ସେଠୀ ଯୋଗ ଦେଇଥିଲେ । ଛାତ୍ର ସଭାପତି ଶ୍ରୀ ସେଠୀ ଙ୍କ ଉଦ୍ୟମ ବଳରେ ମିନି ମାରାଥନ କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ମିନି ମାରାଥନ ରେ ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ କୀଟ କିସ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ କୁ କିସ ସିଇଓ ଶ୍ରୀ ଭାଗିରଥି ସେଠୀ କୀଟ କିସ ପରିବାର ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଙ୍କ ତରଫରୁ ୨୦୨୧୬ ମସିହାରୁ ସମସ୍ତ ଙ୍କ ପାଇଁ ଶିକ୍ଷା ଲକ୍ଷ୍ୟରେ ଲଗାତର ଭାବେ ପ୍ରତ୍ୟେକ ବର୍ଷ ମିନି ମାରାଥନ ଆୟୋଜନ କରାଯାଉଛି ।ଶିକ୍ଷା ଓ ସମାଜସେବା ସେବା ଜରିଆରେ ଜନଜାତି ସଶକ୍ତିକରଣ ,ସ୍ୱାସ୍ଥ୍ୟ ସେବାରେ ଇତିହାସ ସୃଷ୍ଟି କରିବା, କ୍ରୀଡ଼ାରେ କୀର୍ତ୍ତିମାନ ସ୍ଥାପନ କରିଥିବା କୀଟ ଦୟା ଓ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ ଏକ ବିଶ୍ୱବିଦ୍ୟାଳୟ । ଏଠାରେ ଗରିବ ଜନଜାତି ପିଲାମାନଙ୍କୁ ମାଗଣାରେ ରହିବା, ଖାଇବା, ସ୍ୱାସ୍ଥ୍ୟ ସେବା ଠାରୁ ଆରମ୍ଭ କରି ବିନାଦେୟ ରେ ପ୍ରଥମ ଶ୍ରେଣୀରୁ ପୋଷ୍ଟ ଡୋକ୍ଟରାଲ ଡିଗ୍ରୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ ସହ ଛାତ୍ର ଛାତ୍ରୀ ମାନେ ହାତରେ ନିଯୁକ୍ତି ନେଇ ଅନୁଷ୍ଠାନ ରୁ ବାହାରି ଥାନ୍ତି । ବିଭିନ୍ନ ସମୟରେ କିସର ସଫଳତା କୁ ପ୍ରଶଂସା କରାଯାଇଛି । କୀଟ ଓ କିସ ହେଉଛି ଏପରି ଦୁଇଟି ଅନୁଷ୍ଠାନ ସେ ନିଜେ ବଢିବା ସହ ଅନ୍ୟମାନଙ୍କୁ ବଢ଼ିବାରେ ସହାର୍ଯ୍ୟ କରିଥାଏ । ଏହା ହେଉଛି କୀଟ କିସର ମହାନତା । ଏବଂ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଙ୍କର ଅବଦାନ ବୋଲି କହିଥିବା ବେଳେ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସମସ୍ତ ସ୍କୁଲ କଲେଜ ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷକ, ଗଣମାଧମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# କିଟ୍-କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ନେଇ ଗଣ ଦୌଡ଼

**ଜଗତସିଂହପୁର,(ନି.ପ୍ର) :** ଜଗତସିଂହପୁର ଜିଲ୍ଲା ସଦରମହକୁମାଠାରେ କିଟ କିସ ପକ୍ଷରୁ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷନେଇ ସ୍ଥାନୀୟ କଲେଜଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଗଣଦୌଡ଼ କରଓଯାଇଥିଲା , କଲେଜଛକଠାରେ ଏହି ଗଣଦୌଡ଼କୁ ପତାକା ହଲାଇ ପୂର୍ବତନ ପୌର ଅଧକ୍ଷ୍ୟ ମଧୁସୂଦନ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଓ ଶିକ୍ଷା ପିଲାମାନଙ୍କ ପାଇଁ ନିତ୍ୟାନ୍ତ ଜରୁରୀ ବୋଲି କହିଥିଲେ । ପରେ ଗଣଦୌଡ଼ କଲେଜ ଛକ ଠାରୁ ସହର ପରିକ୍ରମା କରି ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା,



ସେଠାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଜଗତସିଂହପୁର ପୂର୍ବତନ ପୌର ଅଧକ୍ଷ୍ୟ ମଧୁସୂଦନ ସାହୁ , ଯୋଗଦେଇ ପିଲାମାନଙ୍କୁ ଶିକ୍ଷ୍ୟାର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ଆଥଲେଟିକ ଆସୋସିଏସନର ସଭାପତି ତଥା ବରିଷ୍ଠ ଆଇନୀଜୀବୀ ଦୋଳଗୋବିନ୍ଦ ଦାସ, ବରିଷ୍ଠ ସାମ୍ବାଦିକ ତଥା ଆଗାମୀ ଓଡିଶା ସଭାପତି ବିଜୟ କୁମାର ସ୍ୱାଇଁ, ଶିକ୍ଷୱିତ ପ୍ରଫେସର ଆଶିଷ ଚକ୍ରବର୍ତୀ ପ୍ରମୁଖ ଯୋଗଦେଇ କୀଟ କିସ ଦ୍ୱାରା ଆୟୋଜିତ ଏହି ଗଣଦୌଡର ଲକ୍ଷ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ, ଅତିଥୀ ମାନଙ୍କୁ କଳିଙ୍ଗ ଟିଭି ର ଜ଼ିଲ୍ଲା ପ୍ରତିନିଧି ଶୁଭଙ୍କର ଜେନା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ଗଣଦୌଡ଼ରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ସାର୍ଟିପିକେଟ ପ୍ରଦାନ କରାଯାଇଥିଲା, ଶେଷରେ ଏହି ଗଣଦୌଡ଼ ରେ ଭାଗ ନେଇ ଥିବା ଛାତ୍ର, ଛାତ୍ରୀ, ଯୁବକ , ଯୁବତୀ ଖେଳ ଶିକ୍ଷକ, ବରିଷ୍ଠ ନାଗରିକ, ସମାଜସେବୀ ଓ ଅନ୍ୟ ମାନଂକୁ କୀଟ ର ସଂଜୀବ ମହାନ୍ତି ସମସ୍ତଙ୍କୁ କାର୍ଯ୍ୟକ୍ରମ ର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ, ଏହି କାର୍ଯ୍ୟ କ୍ରମକୁ କୀଟ ର ଅଞ୍ଜନ ମିତ୍ର ପରିଚାଳନା କରିଥିଲେ ।

# ବିଦ୍ୟାବିହାର ହାଇସ୍କୁଲରେ ହାତୀ ସୁରକ୍ଷା ସଚେତନତା

**ବାରିପଦା,(ନି.ପ୍ର) :** ସ୍ଥାନୀୟ ବାରୁଣୀ ରୋଡ଼ସ୍ଥ ବିଦ୍ୟା ବିହାର ହାଇସ୍କୁଲରେ ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ଓ କରପ୍ ସନ୍ ଫ୍ରୀ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ହାତୀ ସୁରକ୍ଷା ଓ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ସୁରଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଲୋକାୟୁକ୍ତ ସଦସ୍ୟ ଡଃ ଦେବବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ , ସମ୍ମାନିତ ଅତିଥି ଭାବେ ବାରିପଦା ଡି ଏଫ ଓ,ଏ ଉମାମହେଶ,, ସେଫ୍ଟର ଚେୟାରମ୍ୟାନ ଡଃ ରଜନୀକାନ୍ତ ଜେନା, ସମାଜ ସେବୀ ପ୍ରଭାତ ମଞ୍ଜରୀ ଦାଶ ଶର୍ମା ଏବଂ ମୟୂରଭଂଜ ବରିଷ୍ଠ ନାଗରିକ ମଞ୍ଚ ର ସମ୍ପାଦକ ଡଃ ଶ୍ୟାମ ସୁନ୍ଦର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସେଭ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ସଂଯୋଜକ ହରିହର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ



ଆଲୋକପାତ କରିଥିଲେ । ଅତିଥିଗଣ ଜଙ୍ଗଲ ସୁରକ୍ଷାରେ ହାତୀ ସୁରକ୍ଷା ଏବଂ ସମାଜରୁ ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । କୃତୀ ଛାତ୍ରଛାତ୍ରୀ, ସୌମ୍ୟ ରଞ୍ଜନ ଦାସ,ଶ୍ରେୟାଶ୍ରୀ ଦାସ, ବିଜୟିନୀ ବାରିକ, ଅମନ କୁମାର ସିଂହଙ୍କୁ ପରିବେଶ ସାହିତ୍ୟ ପତ୍ରିକା 'ନବ ସବୁଜିମା' ପ୍ରଦତ୍ତ ପ୍ରଶଂସା ପତ୍ର ଓ ଅର୍ଥରାଶିରେ ସମ୍ମାନିତ କରାଯାଇଥିଲା । ଶେଷରେ ଶିକ୍ଷକ ଅମର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ବିଶ୍ୱେନ୍ଦୁ ଦାସ, ଚିଲିମା ନାୟକ, ସୁଶାନ୍ତ ଦାସ, ରୀତାଞ୍ଜଳି ମହାପାତ୍ର, ଉତ୍ତମ ମିଶ୍ର, ସୁକେଶିନୀ ମହାନ୍ତ, ଶଶି କୁମାର ବେହେରା, ପ୍ରୀତି ସୁମନ ବେହେରା, କୁଶଧ୍ୱଜ ବାରିକ, ଦୀପକ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜାତୀୟ ଗୁଣବତ୍ତା ମାନକ ସଂସ୍ଥା ସଦସ୍ୟଙ୍କ ସେବା ସମୀକ୍ଷା

**ଜୟପୁର,(ନି.ପ୍ର) :** ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ହାଡିଆ ଠାରେ ଜାତୀୟ ଗୁଣବତ୍ତା ମାନକ ସଂସ୍ଥାର ସଦସ୍ୟ ପରିଦର୍ଶନ କରିଛନ୍ତି । ଏହି ଟିମରେ ଡାକ୍ତର ମୌସମ ଘୋଷ,




ସୁଗନଥିରା ସୁଦର୍ଜ, ପୁଣ୍ଡ ଚନ୍ଦ୍ର ଭୋଇ ଉପସ୍ଥିତ ଥିଲେ । ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ମେଡିକାଲ ଅଫିସର ଡାକ୍ତର ସ୍ୱାସ୍ତିକ ମହଲା, ବିପିଏମ ଦିପାନ୍ୱିତା ପଟ୍ଟନାୟକ,ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଧରିତ୍ରି ମୁଦୁଲି, ଏସଟିଏସ ଚିତ୍ତ ରଞ୍ଜନ ମହପାତ୍ର, ଏଲଟି ରାଜେନ୍ଦ୍ର ଚେଟି, ଏନସିଡି କାଉନସିଲର କୃଷ୍ଣା ଦେଇ ସେଠି, ଏଚଡବ୍ଲୁଏଫ ସାବିତ୍ରି ସାହୁ, ସିଏଚଓ ମହାଲକ୍ ?ମୀ ଆଚାରି, ସୁପରଭାଇଜର ବନ ମାଳି ଗାଦବା , ସୁଶାନ୍ତ ହରିଜନ, ସୁଦେଶନା ବାଲା ଖ୍ରିଷ୍ଟିଆନ ପ୍ରମୁଖ ଉପସ୍ଥିତ ଥିଲେ । ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ହାଡିଆ ଠାରେ ୧୨ଟି ସେବା ଉପେର ଗୁରୁତ୍ୱ ଦେଇ ସମିକ୍ଷା କରାଯାଇଥିଲା । ଗର୍ଭାବସ୍ଥା ଓ ପ୍ରସବ ସମୟରେ ଯତ୍ନ, ନବ ଜାତ ଓ ଶିଶୁ ସ୍ୱାସ୍ଥ୍ୟ ସେବା, କୈଶୋର ସ୍ୱାସ୍ଥ୍ୟ ସେବା, ପରିବାର ନିୟୋଜନ, ଗର୍ଭ ନିରୋଧକ ପଦ୍ଧତି ଓ ଅନ୍ୟାନ୍ୟ ପ୍ରଜନନ ସ୍ୱାସ୍ଥ୍ୟ ସେବା, ଜାତୀୟ ସ୍ୱାସ୍ଥ୍ୟ କାଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ସଂକ୍ରାମକ ରୋଗର ଚିକିତ୍ସା, ସାଧାରଣ ରୋଗ ଏବଂ ସାମୟିକା ଅସୁସ୍ତାର ବର୍ହିଃ ବିଭାଗ ସେବା, ଅଣ ସଂକ୍ରାମକ ରୋଗର ଚିହ୍ନଟ, ପରାମର୍ଶ, ନିୟନ୍ତ୍ରଣ ଓ ଚିକିତ୍ସା, କଣ୍ଠ, ନାସା, ଗଳା ଓ ଚକ୍ଷୁରୋଗ ସମ୍ବନ୍ଧୀୟ ସେବା, ପ୍ରାଥମିକ ମୁଖ ଗହ୍ୱର ଯତ୍ନ, ଜରୁରୁ କାଳିନ ସ୍ୱାସ୍ଥ୍ୟ ସେବା ଓ ମାନସିକ ରୋଗ ଚିହ୍ନଟ ଓ ଏହାର ପ୍ରଥମିକ ଚିକିତ୍ସା ଉପରେ ରୋଗିଙ୍କୁ ପଚାରି ବୁଝିଥିଲେ ।

# ସରକାରକା ମାଲ୍,ଦରୀୟାମେ ଡାଲ୍, କାମରେ ଲାଗୁନାହିଁ ସରକାରୀ ଗୃହ

**ରଘୁନାଥପୁର,(ନି.ପ୍ର) :** ସରକାରୀକା ମାଲ୍, ଦରୀୟାମେ ଡାଲ୍,ଏହି ଉକ୍ତିର ପ୍ରଯୁକ୍ୟତା ରଘୁନାଥପୁର ବ୍ଲକର ବିଭିନ୍ନ ଅଂଚଳରେ ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି । କେବଳ ଘର ତିଆରି ନାଁରେ ଠିକାଦାର ଓ ଯନ୍ତ୍ରୀ ଙ୍କୁ ପ୍ରୋତ୍ସାହିତ କରିବା ବ୍ୟତୀତ ବହୁ ସରକାରୀ ଗୃହ ଆଦୌ କାମରେ ଲାଗୁନାହିଁ । ଏହି ପରିପ୍ରେକ୍ଷିରେ ରଘୁନାଥପୁର ବ୍ଲକର ପୁରୁଣା ବସନ୍ତ ପଂଚାୟତର ରାଜୀବ ଭବନରେ ମିଶନ ଶକ୍ତି କାର୍ଯ୍ୟ କରାଯାଉଥିବା ବେଳେ ୩ବର୍ଷ ପୂର୍ବେ ୧୦ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ କରା ଯାଇଥିବା ନୂତନ ମିଶନ ଶକ୍ତି ଗୃହ, ୧୦ଲକ୍ଷ ଟଙ୍କା ବିନିମୟରେ ମୋ ବ୍ୟାଙ୍କ ଗୃହ ନିର୍ମାଣ




କରା ଯାଇଥିଲେ ମଧ ଏହା କାର୍ଯ୍ୟକ୍ଷମ ନହେବାରୁ ଭୁତକୋଠୀରେ ପରିଣତ ହେବାକୁ ବସିଲାଣି । ସେହିପରି ଏହି ପଂଚାୟତର କୃଷି ଗ୍ରାମସେବକ କ୍ୱାଟର ଓ ପଂଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାଟରରେ ଦୀର୍ଘବର୍ଷ ଧରି କେହି ରହୁ ନଥିବାରୁ ଏହା ସରିସୃପଙ୍କ ବାସଗୃହ ପାଲଟିଛି । କିଛି ନିଶାଖୋରଙ୍କ ଏହି କ୍ୱାଟର ଗୁଡ଼ିକ ଆଡ୍ଡାସ୍ଥଳୀ ପାଲଟିଛି । ଏଭଳି ନମୁନା ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଦେଖିବାକୁ ମିଳୁଥିଲା ବେଳେ ବଜାର ଉପରେ ବ୍ଲକ କଲୋନିରେ ସରକାରୀ ଗୃହ ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡି ଏଭଳି ଅବ୍ୟବସ୍ଥାକୁ ଖୋରାକ ଯୋଗାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

# କିଟ୍, କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ସଚେତନତା ନେଇ ଗଣଦୌଡ଼

**ଅନୁଗୁଳ,(ନି.ପ୍ର) :** କିଟ୍ ଓ କିସ୍ ପକ୍ଷରୁ ଶନିବାର ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି । ଏହି ମିନି ମାରାଥନ୍ ଅନୁଗୁଳ ଜିଲ୍ଲା ସମେତ ଓଡ଼ିଶାର ୫୫ ଟି ସ୍ଥାନରେ ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ଓ ସମାଜର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ । ଏଥିପାଇଁ କିଟ୍ ଓ କିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ମିନି ମାରାଥନ୍‌ର ଆୟୋଜନ କରାଯାଇଥିଲା । ଅନୁଗୁଳ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡା



ଅଧିକାରୀ ଅକ୍ଷୟ କୁମାର ସିଠ ଯୋଗ ଦେଇ ପତାକା ଦେଖାଇ ମାରାଥନ ଶୁଭାରମ୍ଭ କରିଥିଲେ । ଅନୁଗୁଳ ଜଗନ୍ନାଥ ମନ୍ଦିର ଠାରୁ ଏହି ମାରାଥନ ଆରମ୍ଭ ହୋଇ ବଜାର ପରିକ୍ରମା କରି ଅନୁଗୋଳ ଷ୍ଟାଡିୟମ ରେ ପହଂଚି ଏକ ସାଧାରଣ ସଭା କରାଯାଇଥିଲା । ୨୦୦ଶହରୁ ଅଧିକ ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଏହି ମାରାଥନରେ ସାମିଲ ହୋଇଥିଲେ ।ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଜୀବନକୁ ଏକ ଉଦାହରଣ ଭାବେ ନେଇ ଅନୁପ୍ରାଣିତ ହେବା ପାଇଁ ଛାତ୍ର ଛାତ୍ରୀଙ୍କୁ ସମସ୍ତ ଅତିଥି ପରାମର୍ଶ ଦେଇଥିଲେ । କିଟ୍, କିସ ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଙ୍କ ପ୍ରୟାସ କୁ ସମସ୍ତେ ଭୂୟସୀ ପ୍ରଶଂଶା କରିଥିଲେ । କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ମାନସ ରଞ୍ଜନ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କୀଟ, କିସ ର କର୍ମଚାରୀ ଶିଶିର ସାହୁ, ବିପିନ କଂହର,ସୁଧୀର ଉଗ୍ରଶୁଣ୍ଢୀ, ନରେଶ ସାହୁ, ରଂଜିତ ସାମାଡ଼, ଅନାଦି ନାୟକ, ପ୍ରଦ୍ୟୁମ୍ନ ଦାଶ , ରାଜେନ୍ଦ୍ର ଶୁଣ୍ଢି, ଜଙ୍ଗଲ ପୂର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସ୍ୱୀ ପର୍ଶୁରାମ ଦାସ, ବ୍ରହ୍ମଜ୍ୟୋତି ମିଶ୍ର, ବରିଷ୍ଠ ସାମ୍ବାଦିକ ଜଗଦିଶ ପ୍ରସାଦ ଅଗ୍ରୱାଲ, ପ୍ରତାପ ମହାପାତ୍ର ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ ।

# ବଡ଼ତୋଟା ବେଲପଡା ହାଇସ୍କୁଲର ବାର୍ଷିକ ଉତ୍ସବ

**ଖୋର୍ଦ୍ଧା,(ନି.ପ୍ର) :** ବଡ଼ତୋଟା ବେଲପଡା ସରକାରୀ ହାଇସ୍କୁଲର ୪୫ ତମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ପ୍ରଧାନ ଶିକ୍ଷକ ଶ୍ରୀ ଉଗ୍ରେସନ ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ମାନ୍ୟବର ବିଧାୟକ ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ, ମୁଖ୍ୟବକ୍ତା ଭାବେ ଜଟଣୀ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ରଶ୍ମୀବାଳା ପରିଡା, ସ୍ୱତନ୍ତ୍ର ଅତିଥି ଚେୟାରମ୍ୟାନ ଜୟନ୍ତୀ ଛୋଟରାୟ ଓ ସରପଂଚ ସୁଶ୍ରୀ ଅହଲ୍ୟା ନାୟକ, ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଜବାହରଲାଲ ସୁବୁଦ୍ଧି, ଏନ. ଡି. ଆର.ସି. ପ୍ରଧାନଶିକ୍ଷକ ସ୍ନିଗ୍ଧାରାଣୀ ସ୍ୱାଇଁ, ଆଲୁମିନି ସଂଗଠନ ସଭାପତି ଡ. ଉମାକାନ୍ତ ପଟ୍ଟନାୟକ, ଶକ୍ତିଧର ମହାପାତ୍ର, ପ୍ରଶନ୍ନ ପାଟ୍ଟଶାଣି, ଅଜିତ ପ୍ରଧାନ ଆଦି ଶିକ୍ଷା



ବ୍ୟବସ୍ଥା, ଭାରତ ଅଭିବୃଦ୍ଧିରେ ସଂସ୍କୃତି, ଧର୍ମ, ସଂସାର, ସତ୍ୟବାଦିତା, ମାତା ପିତା ଗୁରୁଜନଙ୍କୁ ଭକ୍ତି ସମ୍ପର୍କରେ କହିଥିଲେ । କ୍ରିତୀରାଣୀ ନାୟକ, ସୁଜାତା ପଟ୍ଟନାୟକ, ଟି. ଶ୍ୟାମଳ ରାଓ, ଅମର ଜ୍ୟୋତି ପଟ୍ଟନାୟକ, ସନ୍ଦୀପନା ବେହେରା ସଂଯୋଜନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସନ୍ତୋଷ କୁମାର ପୃଷ୍ଟି । ବାଳକ ଚମ୍ପିଆନ୍ - ଆଶୁତୋଷ ମାର୍ଥା,ବାଳିକା ଚମ୍ପିଆନ୍ - ପ୍ରିୟଙ୍କା ମହାପାତ୍ର, ମାଟ୍ରିକ୍ ସର୍ବୋଚ୍ଚ ନମ୍ବର - ଗୀତାଞ୍ଜଳି ମଙ୍ଗରାଜ, ଶ୍ରେଷ୍ଠ ଛାତ୍ର - ସୁଭମ୍ ଛୋଟରାୟ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ- ଆଶିଷ ମହାପାତ୍ର, ସର୍ବୋତମ ଇକୋ କ୍ଲବ କାର୍ଯ୍ୟକଳାପ- ଶ୍ରୀରାମ ବେହେରା, ଶ୍ରେଷ୍ଠ ନୃତ୍ୟଶିଳ୍ପୀ- ଅର୍ପିତା ସାହୁ, ସର୍ବୋତମ ଆଙ୍କର୍ - ଶୁଭଶ୍ରୀ ଚମ୍ପତି ପ୍ରଭୃତି ପୁରସ୍କୃତ ହୋଇଥିଲେ ।